୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.26 . No.219 Bhubaneswar Tuesday October 08 2024 | ୨୬ତମ ବର୍ଷ ସଂଖ୍ୟା–୨୧୯ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୦୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ମେଡିସିନରେ ଦୁଇ ଜଣଙ୍କୁ ନୋବେଲ



ଭୁବନେଶ୍ୱର,୭।୧୦(ପି.ଏନ):ଚଳିତ ବର୍ଷ ପାଇଁ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଆଜି ଚିକିତ୍ସା କ୍ଷେତ୍ର ପାଇଁ ନୋବେଲ ବିଜେତାଙ୍କ ନାମ ଘୋଷଣା ହୋଇଛି। ଏଥର ଦୁଇ ଜଣ ମିଳିତ ଭାବେ ନୋବେଲ ପାଇବେ।ବୈଜ୍ଞାନିକ ଭିକ୍ଟୋର ଆମ୍ବରୋସ ଏବଂ ଗ୍ୟାରୀ ରୁବକୁନଙ୍କୁ ନୋବେଲ ଦିଆଯିବ। ମେଡିସିନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେମାନେ ଏହି ପୁରସ୍କାର ପାଇବେ। ଉଭୟଙ୍କୁ ମାଇକ୍ରୋ ଆରଏନଏ (ଙ୍କସମକ୍ବକ୍ଟଜଘଇ)ର ସନ୍ଧାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବ। ପୁରସ୍କାର ଘୋଷଣା ସମୟରେ ନୋବେଲ ଆସେମ୍ବଲି ଏକ ବିବୃତିରେ କହିଛି ଯେ, ଭିକ୍ଟୋର ଆମ୍ବରୋସ ଏବଂ ଗ୍ୟାରୀ ରୁବକୁନ ବିଭିନ୍ନ ସେଲ୍ ପ୍ରକାରର ବିକାଶ କ୍ଷେତ୍ରରେ ଅନୁସନ୍ଧାନ ଜାରି ରଖିଥିଲେ। ଉଭୟ ଏକ କ୍ଷୁଦ୍ର ରାଇବୋନ୍ୟୁକ୍ଲିକ ଏସିଡ (ଜଘଇ) ମୋଲେକୁଲ୍ସର ନୂତନ ଶ୍ରେଣୀ ଙ୍କସମକ୍ବକ୍ଟଜଘଇ ଆବିଷ୍କାର କରିଥିଲେ। ଏହି ଙ୍କସମକ୍ବକ୍ଟଜଘଇ ଜିନ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ନିଭାଇଥାଏ।

## ଡାକ୍ତର ମୃତ ଘୋଷଣା କରିଥିଲେ; ଅନ୍ତିମ ସଂସ୍କାର ବେଳେ ଜୁଇରେ ଉଠିବସିଲେ ମୃତ ଘୋଷିତ ବ୍ୟକ୍ତି

ବୌଦ୍ଧ ,୭।୧୦(ପି.ଏନ): ଅନ୍ତିମ ସଂସ୍କାର ବେଳେ ଜୁଇରେ ଉଠିବସିଲେ ମୃତ ଘୋଷିତ ବ୍ୟକ୍ତି । ବୌଦ୍ଧ ଜିଲ୍ଲା ପୁରୁଣା କଟକ ଅଞ୍ଚଳରେ ଅଭାବନୀୟ ଘଟଣା । ପୁରୁଣା କଟକ ଅଞ୍ଚଳର ରବି ବେହେରା ନାମକ ଜଣେ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିଲେ । ଘରଲୋକ ତାଙ୍କ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇଯାଇଥିଲେ । ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଡାକ୍ତର ମୃତ ଘୋଷଣା କରିବା ପରେ ପରିବାର ଲୋକ ତାଙ୍କୁ ସାଙ୍ଗରେ ଘରକୁ ନେଇଆସିଥିଲେ । ସେପଟେ ଖବର ପାଇ ଜ୍ଞାତି କୁଟୁମ୍ବ ତାଙ୍କର ଅନ୍ତିମ ସଂସ୍କାର ପାଇଁ ସରଞ୍ଜାମ ଯୋଗାଡ କରିଥିଲେ ।ଏପରିକି ଗାଁ' ଶ୍ମଶାନରେ ଜୁଇ ମଧ୍ୟ ସଜାଇ ଦେଇଥିଲେ ପ୍ରିୟଜନ । ସୂଚନା ଅନୁସାରେ ଯେତେବେଳେ ତାଙ୍କର ଅନ୍ତିମ କ୍ରିୟା ଆରମ୍ଭ ହୋଇଥିଲା ଏବଂ ଯେତେବେଳେ ଚିତାରେ ମୁଖାଗ୍ନି ଦିଆଯାଇଥିଲା ସେତେବେଳେ ହଠାତ୍ ଉଠିବସି ପଡ଼ିଥିଲେ ମୃତ ଘୋଷିତ ରବି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୭ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

# ଶବ ବୁଲିଲା- ମେଡିକାଲ୍‌ରୁ ଶ୍ମଶାନ, ଶ୍ମଶାନରୁ ମେଡିକାଲ୍, ପୁଣି ମେଡିକାଲ୍‌ରୁ ଜୁଇ



ଭୁବନେଶ୍ୱର,୭।୧୦(ପି.ଏନ): ଦୀର୍ଘ ସମୟ ଧରି ବୁଲିଲା ଶବ ! ମେଡିକାଲ୍‌ରୁ ଶ୍ମଶାନ୍, ଶ୍ମଶାନରୁ ମେଡିକାଲ୍। ବଞ୍ଚିଥିବା ଭାବି ସାହି ଭାଇ ଓ ପରିବାର ଲୋକ ଆଜି ମୃତଦେହକୁ ଧରି ଏମିତି ହଲ୍ଲାପଟା ହୋଇଛନ୍ତି। ସବୁଠାରୁ ମଜାକଥା ହେଉଛି ଡାକ୍ତରଙ୍କୁ ଦୁଇ ଦୁଇ ଥର ମୃତ ଘୋଷଣା କରିବାକୁ ପଡିଛି। ଶେଷରେ ଗାଁ ଶ୍ମଶାନରେ ଜଳିଛି ଜୁଇ। ଏପରି ବିଚିତ୍ର ଘଟଣା ବୌଦ୍ଧ ଜିଲ୍ଲାରେ ଘଟିଛି ।ପୂରା ଘଟଣାଟି ଏମିତି। ପୁରୁଣାକଟକ ଗାଁ ରବି ବେହେରା ଅସୁସ୍ଥ ହୋଇଥିଲେ। ତେଣୁ ତାଙ୍କୁ ପୁରୁଣାକଟକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଘୋଷଣା ପରେ ପୋଷ୍ଟମର୍ଟମ ପାଇଁ ଡାକ୍ତର କହିଥିଲେ। ହେଲେ ରାଜି ହୋଇନଥିଲେ ପରିବାର ଲୋକେ। ମେଡିକାଲ୍‌ରେ ଲିଖିତ ଚୁକ୍ତି କରି ମୃତଦେହ ଧରି ଘରକୁ ଫେରିଥିଲେ।

# ଦଳିତ ପରିବାରଙ୍କ ଘରେ ଖାଦ୍ୟ ରାନ୍ଧିଲେ ରାହୁଲ, ଭିଡିଓ ଭାଇରାଲ

ନୂଆଦିଲ୍ଲୀ,୭।୧୦(ପି.ଏନ): ସାଧାରଣ ଲୋକଙ୍କ ସହ ରାହୁଲ ଗାନ୍ଧୀଙ୍କ ଅନେକ ଭିଡିଓ ଭାଇରାଲ ହୋଇଛି। ରାହୁଲ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅନେକ ଭିଡିଓ ସେୟାର କରିଛନ୍ତି। କିଛି ଦିନ ପୂର୍ବରୁ କୃଷକ ଏବଂ କୁସ୍ତିଯୋଦ୍ଧାମାନଙ୍କ ସହିତ ତାଙ୍କର ଅନେକ ଭିଡିଓ ୟୁଜରଙ୍କର ହୃଦୟ ଜିତିଥିଲା। ନିକଟରେ ସେ ଅନ୍ୟ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ସେ ଏକ ଦଳିତ ପରିବାର ସହିତ ସମୟ ବିତାଉଥିବା ଦେଖିବାକୁ ମିଳିଛି। କୋହ୍ଲାପୁରର ରାହୁଲଙ୍କ ଏହି ଭିଡିଓକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି। ଏହା ଭାଇରାଲ ହେବାରେ ଲାଗିଛି ।ସେ ଆହୁରି ମଧ୍ୟ କହିଛନ୍ତି ଯେ ଲୋକମାନେ କ'ଣ ଖାଉଛନ୍ତି ଏବଂ ସେମାନେ କିପରି ରାନ୍ଧନ୍ତି, ତାହାର ସାମାଜିକ ଓ ରାଜନୈ?ତିକ ମହତ୍ତ୍ୱ କ'ଣ? ଏହି ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଅଜୟ ତୁକାରାମ ସନଦେ ଜୀ ଏବଂ ଅଞ୍ଜନା ତୁକାରାମ ସନଦେ ଜୀ ସହିତ ସମୟ ବିତାଇଥିଲି ।ରାହୁଲ ଗାନ୍ଧୀ ନିକଟରେ ମହାରାଷ୍ଟ୍ର ଗସ୍ତରେ ଯାଇଥିଲେ। ଏହି ସମୟ ମଧ୍ୟରେ ରାହୁଲ ହେଲିକପ୍ଟର ଯୋଗେ କୋହ୍ଲାପୁରରେ ପହଞ୍ଚିଥିଲେ, ଯେଉଁଠାରୁ ସେ ସିଧାସଳଖ ଏକ ଦଳିତ ପରିବାରର ଘରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ରାହୁଲ କହିଛନ୍ତି ଯେ ସେ ଭୋକିଲା ଅନୁଭବ କରୁଛନ୍ତି।

# ସମଦୂରତା ନୁହେଁ, କଂଗ୍ରେସ ସହ ହାତ ମିଶେଇବ ବିଜେଡି !



ଭୁବନେଶ୍ୱର,୭।୧୦(ପି.ଏନ): ବିଜେଡି ଇଣ୍ଡିମେଣ୍ଟ ମୁହାଁ । ଏହାକୁ ନେଇ ଚର୍ଚ୍ଚା ଜୋର । ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ଆରମ୍ଭରୁ କ୍ଷମତା ହାତେଇଥିବା ବିଜେଡି ପୁଣି କ୍ଷମତା ହାସଲ କରିବାକୁ କଂଗ୍ରେସ ସହ ସମ୍ପର୍କରେ ରହିଛି । ଖୁବ ଶୀଘ୍ର ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜେଡି ଶାସନର ଶେଷ ପାଳିରେ ସର୍ବମୟ କର୍ତ୍ତା ହୋଇଥିବା ଭି କାର୍ତ୍ତିକେୟନ ପାଣ୍ଡିଆନ ଦିଲ୍ଲୀ ଯାଉଛନ୍ତି ବୋଲି ଚର୍ଚ୍ଚା ହେଉଛି । ଏହି ଚର୍ଚ୍ଚାର ମୂଳଦୂଆ ପଡିଥିଲା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବୟାନ ପରଠାରୁ ।ଦେବାଶିଷ କିଛି ଦିନ ତଳେ କହିଥିଲେ କି, ରାଜ୍ୟରେ ସରକାର ଗଠନ କରିବାକୁ କଂଗ୍ରେସ ସହ ମେଣ୍ଟ କରିବ ବିଜେଡି । ତାଙ୍କ ଏହି ବୟାନ ପରଠାରୁ ଇଣ୍ଡିମେଣ୍ଟ ମୁହାଁ ନବୀନ ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି କି, ବିଜେପିକୁ କ୍ଷମତା ଚ୍ୟୁତ କରିବାକୁ ବିଜେଡି ଯେଉଁ ଇଣ୍ଡିଆ ମେଣ୍ଟକୁ ନା କରିଥିଲା, ଏବେ ସେହି ମେଣ୍ଟ ସହ ହାତ ମିଳାଇବାକୁ ଯାଉଛି । ଏଥିଲାଗି ନବୀନ କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସହ ଆଲୋଚନା କରୁଛନ୍ତି ଟେଲିଫୋନ ଯୋଗେ ବୋଲି ବିଭିନ୍ନ ଗଣମାଧ୍ୟମରେ ବିଶାରଦମାନେ କହୁଛନ୍ତି ।ଗଣମାଧ୍ୟମ ରିପୋର୍ଟ ମୁତାବକ, କ୍ଷମତାରୁ ଆରମ୍ଭ ହୋଇଥିବା ବିଜେଡିର ଯାତ୍ରା ଦୀର୍ଘ କାଳ ରହିଥିଲା । ତେଣୁ ବିଭିନ୍ନ ଦଳରୁ ବହୁ ନେତା ଯେତେବେଳେ ନାହିଁ ସେତେବେଳେ ଶଙ୍ଖ ଧରୁଥିଲେ । ସେମାନଙ୍କୁ ମଧ୍ୟ ସୁପ୍ରିମ ଅତି କମରେ ଥରଟିଏ କ୍ଷମତାର ସ୍ୱାଦ ଚଖାଉଥିଲେ । କିନ୍ତୁ ଏବେ କ୍ଷମତା ନାହିଁ । କ୍ଷମତାରୁ ବାହାର ହେବା ପରେ ବିଜେଡିରେ ଦେଖାଦେଇଛି ଅସନ୍ତୋଷ । ଯିଏ, ଯେତେବେଳେ, ଯେଉଁଠି ପାରୁଛି ବିଷୋଦଗାର କରୁଛନ୍ତି । ଏହାକୁ ଦେଖି କାଳେ ଛାନିଆ ହୋଇପଡିଛନ୍ତି ନବୀନ । ସ୍ଥିତି ଏମିତି ରହିଲେ ଜଣ ଜଣ କରି ସମସ୍ତେ ଦଳଛାଡି ବିଜେପି କି କଂଗ୍ରେସରେ ସାମିଲ ହୋଇଯିବେ । ତା ଉପରେ ପୁଣି ବାରମ୍ବାର ବିଜେପି ଧମକ ଦେଉଛି କି ବିଜେଡି ଖାଲି ହେଇଯିବ । ଏମିତି ଅବସ୍ଥାରେ ବିଜେଡିକୁ ବଞ୍ଚାଇ ରଖିବାକୁ କାଳେ ଦଳପତିଙ୍କୁ ପୁଣି ଥରେ ଦଳକୁ କ୍ଷମତାକୁ ଆଣିବାକୁ ପଡିବ । ସେପଟେ ଦେଶବ୍ୟାପୀ କଂଗ୍ରେସ ଏବେ ଭଲ ପ୍ରଦର୍ଶନ କରୁଛି । ଲୋକଙ୍କ ଆସ୍ଥାଭାଜନ ହେବାରେ ଲାଗିଲାଣି କଂଗ୍ରେସ ଓ ଇଣ୍ଡିମେଣ୍ଟ । ଆଉ ବିଜେପିର ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ । ଦୁଇ ପଲଟୁରାମ ଚନ୍ଦ୍ରବାବୁ ନାଇଡୁ ଓ ନୀତିଶଙ୍କୁ ନେଇ କ୍ଷମତାକୁ ଆସିଥିବା ବିଜେପି ଏମାନଙ୍କ ଭିତରୁ କାହାର ମନ ବଦଳିଲେ ସରକାର ଭୁଶୁଡି ପଡିବ । ଫଳରେ ରାଜ୍ୟରେ ନ ହେଉ କିଛି ବିଧାୟକଙ୍କୁ ରାଜ୍ୟସଭାର ଧୋପ ଦେଇ ନବୀନ କିଛି କାଳ ସନ୍ତୁଷ୍ଟ କରିପାରିବେ ଇଣ୍ଡି ମେଣ୍ଟରେ ସାମିଲ ହୋଇ ବୋଲି ବରିଷ୍ଠ ସମୀକ୍ଷକ କହୁଛନ୍ତି । ଏଥିପାଇଁ କାଳେ ନବୀନ କଂଗ୍ରେସକୁ ଧରିଛନ୍ତି । ବିଜେଡି ସୁପ୍ରିମୋ ଫୋନରେ ସୋନିଆଙ୍କ ସହ ଆଲୋଚନା କରୁଛନ୍ତି । ଖୁବ ଅଳ୍ପ ଦିନ ଭିତରେ ପାଣ୍ଡିଆନ ଓ ବବି ଦାସ ଦିଲ୍ଲୀ ଯାତ୍ରା କରିବେ । ସେଠି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ତଥା ଯୁବରାଜ ରାହୁଲ ଗାନ୍ଧୀଙ୍କୁ ଭେଟିବେ । ଉଭୟ ସେଠାରୁ ଆସିବା ପରେ ରାହୁଲ ଗାନ୍ଧୀ ଓଡିଶା ଆସି ନବୀନଙ୍କ ସହ ବିସ୍ତୃତ ଆଲୋଚନା କରିବେ ବୋଲି କୁହାଯାଉଛି । ଆଉ ଏହି ଇଣ୍ଡିମୁହାଁ ବିଜେଡି ଚର୍ଚ୍ଚା ଭିତରେ ସାମ୍ନାକୁ ଆସୁଛି ରାଜ୍ୟ ନେତାଙ୍କ ବୟାନ । ବିଜେପି କହୁଛି ବିଜେଡିକୁ କଂଗ୍ରେସ ଚଳାଉଛି । ଯାହାକୁ ଖଣ୍ଡନ କରିଛି କଂଗ୍ରେସ । ଦଳ କହୁଛି, କଂଗ୍ରେସ ଏକ ବହୁ ପୁରାତନ ଓ ସବୁଠାରୁ ବଡ ଜାତୀୟ ଦଳ । ବିଜେଡି ଏକ ଆଞ୍ଚଳିକ ଦଳ । ବିଜେଡି କେମିତି କଂଗ୍ରେସକୁ ଚଳେଇ ପାରିବ । ହଁ କଂଗ୍ରେସ ଚାହିଁଲେ ବିଜେଡିକୁ ଚଳାଇ ନେବ । କଂଗ୍ରେସ ସମସ୍ତଙ୍କୁ ନେଇ ଚାଲିବା ଜାଣିଛି ଓ ବିଜେଡିକୁ ମଧ୍ୟ ସାଙ୍ଗରେ ନେଇପାରିବ, ଯଦି ବିଜେଡି ଇଚ୍ଛା କରିବ ।ହେଲେ ବିଜେଡି ପକ୍ଷରୁ ଏହି କଥାକୁ ଖଣ୍ଡନ କରିଛନ୍ତି ଘସିପୁରା ବିଧାୟକ ବଦ୍ରୀ ପାତ୍ର । ବିଜେଡି ଦୁଇ ଜାତୀୟ ଦଳଠାରୁ ସମଦୂରତା ରକ୍ଷା କରି ଆସିଛି । ଆଜି ମଧ୍ୟ ରାଜ୍ୟରେ ବିଜେଡି ସବୁଠାରୁ ଲୋକପ୍ରିୟ ଓ ବଡ ଦଳ । ତେବେ ଏହି ଚର୍ଚ୍ଚାରେ କେତେ ସତ୍ୟାସତ୍ୟ ରହିଛି ତାହା ଖୁବ ଶୀଘ୍ର ସାମ୍ନାକୁ ଆସିବ ବୋଲି କୁହାଯାଉଛି ।

# ସୁଭଦ୍ରା ପଞ୍ଜୀକରଣ ୧ କୋଟି ଛୁଇଁଲା, ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯାଇନି ୧ ଟଙ୍କା



ଭୁବନେଶ୍ୱର,୭।୧୦(ପି.ଏନ): ଆଜି (ଅକ୍ଟୋବର ୭ ତାରିଖ) ସୁଦ୍ଧା ରାଜ୍ୟର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ଆସନ୍ତା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ।

# ବସ୍ ଧର୍ମଘଟ ନିଷ୍ପତ୍ତି ପ୍ରତ୍ୟାହାର: ମନ୍ତ୍ରୀଙ୍କ ସହ ବୈଠକ ପରେ ସଂଘର ନିଷ୍ପତ୍ତି

ଭୁବନେଶ୍ୱର,୭।୧୦(ପି.ଏନ): ବସ୍ ଧର୍ମଘଟ ନିଷ୍ପତ୍ତି ପ୍ରତ୍ୟାହାର ହୋଇଛନ୍ତି । ପରିବହନ ମନ୍ତ୍ରୀଙ୍କ ସହ ବୈଠକରେ ଆଲୋନା କରିବା ପରେ ବସ୍ ମାଲିକ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏହାଫଳରେ ଆଜି ସନ୍ଧ୍ୟା ଠାରୁ ହେବାକୁ ଥିବା ବସ୍ ଚଳାଚଳରେ କୌଣସି ପ୍ରଭାବ ପଡିବ ନାହିଁ । ରାଜ୍ୟରେ ପୂର୍ବ ପରି ବସ୍ ଚଳାଚଳ କରିବ । ପରିବହନ ମନ୍ତ୍ରୀ ବିଭୁତି ଜେନାଙ୍କ ବ୍ରହ୍ମପୁର ସ୍ଥିତ ବାସଭବନରେ ଏହି ବୈଠକ ବସିଥିଲା । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ସଂଘ ନିଜ ଆନ୍ଦୋଳନରୁ ଓହରି ଯାଇଛି । ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀ ବସ ସେବାକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏହି ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା । ଅକ୍ଟୋବର ୭ ତାରିଖ ଅର୍ଥାତ ଆଜି ସନ୍ଧ୍ୟା ୬ଟାରୁ ଆସନ୍ତାକାଲି (ମଙ୍ଗଳବାର) ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବସ ସେବା ବନ୍ଦ ରହିବ ବୋଲି ସଂଘ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ମୀ ବସ୍ ଟାଇପ-୨ ସେବା ଯୋଗାଇବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜୋରଦାର ଭାବେ ବିରୋଧ କରାଯାଇଥିଲା । ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ଘରୋଇ ବସ ସେବା ବନ୍ଦ ନେଇ ନିଷ୍ପତ୍ତି ନିଆଯାଇଥିଲା । ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବା ପରେ ଘରୋଇ ବସ୍ ମାଲିକମାନେ କ୍ଷତି ସହିବାରୁ ସେମାନେ ବିଗତ ଦିନରେ ବି ଆନ୍ଦୋଳନକୁ ଓହ୍ଲାଇଥିଲେ । ଏନେଇ ପୂର୍ବ ସରକାର ସହ ସଂଘ ପକ୍ଷରୁ ଆଲୋଚନା ହୋଇଥିଲା । ତେବେ ଏହା ମଧ୍ୟରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଟାଇପ-୨ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିବାକୁ ଯାଉଛନ୍ତି । ତେଣୁ ତାହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା ।

# ଘାସ ଖାଇବା ସମୟରେ ବଳଦର ପାଟି ଭିତରେ ବିସ୍ଫୋରଣ ହେଲା ବୋମା

ଭୁବନେଶ୍ୱର,୭।୧୦(ପି.ଏନ): ଅନେକ ସମୟରେ ଆମ ଆଖପାଖରେ କିଛି ଅବିଶ୍ୱସନୀୟ ଘଟଣା ଘଟିଥାଏ । ଏଭଳି କିଛି ଘଟଣା ପାଇଁ ଅନେକ ସମୟରେ ଅକାଳରେ କାହାର ଜୀବନ ବି ଚାଲି ଯାଇଥାଏ । ତେବେ ଏହା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଘାସ ଖାଇବା ସମୟରେ ଗୋଟିଏ ବଳଦ ଏକ ବୋମାକୁ ଗିଳି ଦେଇଥିଲା । ଏହାପରେ ସେହି ବୋମାଟି ଉକ୍ତ ବଳଦର ପେଟ ଭିତରେ ଫୁଟି ଯାଇଥିଲା । କେନ୍ଦୁଝରେ ଜିଲ୍ଲା ତେଲକୋଇ ବନାଞ୍ଚଳରୁ ଆସିଛି ଏଭଳି ଏକ ଚିନ୍ତାଜନକ ଖବର ।ଖବର ମୁତାବକ, ବାରହା ଶିକାର ପାଇଁ ଘାସ ଭିତରେ ବୋମା ରଖାଯାଇଥିଲା । ଆଉ ଘାସ ଖାଇବା ସମୟରେ ସେହି ବୋମା ଏକ ବଳଦର ପାଟି ଭିତରକୁ ଚାଲିଯାଇଥିଲା । ଏହାପରେ ବୋମାଟି ବଳଦର ପାଟି ଭିତରେ ଫୁଟି ଯାଇଥିଲା । ଏଭଳି ହୃଦୟ ବିଦାରକ ଘଟଣା ଶୁଣିବା ବେଳକୁ ମନରେ ଅଜସ୍ର ବ୍ୟଥା ଅନୁଭବ ହେଉଛି । ଅନ୍ୟମାନଙ୍କର ଭୁଲ ପାଇଁ ଆଜି ଗୋଟିଏ ବଳର ଏକ ବଡ ଅଘଟଣର ଶିକାର ହୋଇଛି । ତେଲକୋଇ ବନାଞ୍ଚଳ ସମାକୋଇ ସଂରକ୍ଷିତ ଜଙ୍ଗଲରେ ବାରହା ଶିକାର ପାଇଁ ସେହି ବୋମାକୁ ରଖାଯାଇଥିଲା । ତେବେ ବାରହା ଆସିନଥିଲା କି ଘାସ ଖାଇ ନଥିଲା । ଅଯଥାରେ ନିରୀହ ବଳଦଟି ବୋମାର ଶିକାର ପାଲଟି ଯାଇଥିଲା । ଏହି ବିସ୍ଫୋରଣ ପରେ ବଳଦର ପାଟି ଛେତେରା ହୋଇଯାଇଥିବା ବେଳେ ତା'ର ଜିଭ ଓ ଦାନ୍ତ ବାହାରେ ପଡିଥିବା ଦେଖିବାକୁ ମିଳିଥିଲା । ଏବେ ବଳଦଟି ବଞ୍ଚିବା ପାଇଁ ଜୀବନ ସହ ସଂଘର୍ଷ କରୁଛି । ତେବେ ବାରହା ଶିକାର ପାଇଁ କିଏ ବୋମା ଖଞ୍ଜିଥିଲା ତାହା ଜଣାପଡିନାହିଁ । ଏନେଇ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗ ନିକଟରେ ଅଭିଯୋଗ କରିବା ସହ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି ।

# ରାଜ୍ୟର ସରକାରୀ ବିଲଡିଂର ରଙ୍ଗ ବଦଳିବ: କୋଠାର ବାହାର ପଟ କମଳା ରଙ୍ଗ ହେବ ଓ ନାଲି ବର୍ଡର ରହିବ




ନୂଆଦିଲ୍ଲୀ,୭।୧୦(ପି.ଏନ): ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଛି ଏକ ବଡ ଖବର । ସରକାରୀ ବିଲଡିଂର ରଙ୍ଗ ବଦଳିବ । କୋଠାର ବାହାର ପଟ କମଳା ରଙ୍ଗ ହେବ ଓ ନାଲି ବର୍ଡର ରହିବ । ଏନେଇ ସମସ୍ତ ଯନ୍ତ୍ରୀ, ଓଡିଶା କୋଠା ଓ ନିର୍ମାଣ ନିଗମ ଲିମିଟେଡ (ଓବିସିସି)ଙ୍କୁ ପୂର୍ତ୍ତ ବିଭାଗ ପକ୍ଷରୁ ଚିଠି ଲେଖା ଯାଇଛି । ରାଜ୍ୟର ସମସ୍ତ ସରକାରୀ କୋଠାର ରଙ୍ଗ ସମାନ ହେବ । ଏନେଇ ରାଜ୍ୟ ସରକାରଙ୍କ ଏଆଇସି କମ୍ ସ୍ୱତନ୍ତ୍ର ସଚିବଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯିବା ସହ କଲର କୋଡ୍ ମଧ୍ୟ ଜାରି କରାଯାଇଛି । ତେବେ ଏହି ୟୁନିଫର୍ମ କଲର କୋର୍ଡ ରାଜ୍ୟର ସମସ୍ତ ପୁରୁଣା ବିଲଡିଂ ଓ ନୂଆ ବିଲଡିଂ ପାଇଁ ଲାଗୁ ହେବ ବୋଲି କୁହାଯାଇଛି । ରାଜ୍ୟ ସରକାରଙ୍କ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ, ଏଣିକି ସମସ୍ତ ସରକାରୀ କୋଠାର ରଙ୍ଗ କମଳା ଓ ନାଲି ବର୍ଡର ବିଶିଷ୍ଟ ହେବ । କୌଣସି ବିଲଡିଂ କାର୍ଯ୍ୟକ୍ଷମ ଥିଲେ କିମ୍ବା ମରାମତି, ନବୀକରଣ ସମୟରେ ରଙ୍ଗ ପରିବର୍ତ୍ତନ କରାଯିବ ବୋଲି କୁହାଯାଇଛି ।ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ଥର ବିଜେପି ସରକାର କ୍ଷମତାକୁ ଆସିବା ପରେ ଅନେକ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି । ନିକଟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ୟୁନିଫର୍ମ ରଙ୍ଗ ବଦଳିଥିଲା । ପୂର୍ବରୁ ପିଲାଙ୍କର ୟୁନିଫର୍ମର ରଙ୍ଗ ସବୁଜ ଥିବା ବେଳେ ଏବେ ତାହା ବାଦାମୀକୁ ପରିବର୍ତ୍ତନ ହୋଇଛି । ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସ୍କୁଲକୁ ୟୁନିଫର୍ମ ଯୋଗାଇ ଦିଆଯିବ । ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖାଯାଇଥିଲା । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ଛାତ୍ରଛାତ୍ରୀ ନୂଆ ବାଦାମୀ ରଙ୍ଗର ୟୁନିଫର୍ମ ପରିଧାନ କରିବେ । ସେହିପରି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ବଦଳିବା ପରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରଛାତ୍ରୀଙ୍କର ୟୁନିଫର୍ମର ରଙ୍ଗ ବଦଳିବ ବୋଲି ବିଭାଗ ନିଷ୍ପତ୍ତି ନେଇଛି।

# ନିମନ୍ତ୍ରଣ ଆଳରେ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଅମରେଶ



ଭୁବନେଶ୍ୱର,୭।୧୦(ପି.ଏନ):ସରଗରମ ହେଉଛି ଭୁବନେଶ୍ୱର ରାଜନୀତି। ଅମରେଶ ଜେନାଙ୍କ ବିରୋଧୀ ଗୋଷ୍ଠୀଙ୍କ ପରେ ଆଜି ନବୀନ ନିବାସ ଯାଇ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ଖୋଦ୍ ? ଅମରେଶ। ସେ ଦୀର୍ଘ ସମୟ ଧରି ନବୀନ ନିବାସରେ ଥିଲେ। ପରେ ନବୀନ ନିବାସରୁ ବାହାରି ଦଶହରା ପାଇଁ ନିମନ୍ତ୍ରଣ କରିବାକୁ ଆସିଥିବା କହିଥିଲେ। ଏଥିସହ ନିଜର କୁଚକ୍ରୀ ଗୋଷ୍ଠୀଙ୍କୁ କଡା ଭାଷାରେ ସମାଲୋଚନା କରିଥିଲେ ।ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ?ସି) ବିଜେଡି କଳି କାହାକୁ ଅଛପା ନାହିଁ। ଦାଣ୍ଡରେ ପଡି ହାଟରେ ଗଡୁଛି। ଗତ ଶୁକ୍ରବାର ବିଏମ୍‌ସିର କେତେକ କର୍ପୋରେଟର ନବୀନ ନିବାସ ଯାଇଥିଲେ। ସେମାନେ ଦୀର୍ଘ ସମୟ ଧରି ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିଥିଲେ। ପରେ ନବୀନ ନିବାସରୁ ବାହାରି ଦଶହରା ପାଇଁ ନିମନ୍ତ୍ରଣ କରିବାକୁ ଆସିଥିବା କହିଥିଲେ। କିନ୍ତୁ ସେତେବେଳେ ଚର୍ଚ୍ଚା ହେଉଥିଲା କର୍ପୋରେଟରମାନେ କୁଆଡେ ଅମରେଶ ଜେନା ଓ ବିରଞ୍ଚି ନାରାୟଣ ମହାସୁପକାରଙ୍କ ବିରୋଧରେ ଅଭିଯୋଗ କରିବାକୁ ଯାଇଥିଲେ। ଏହାକୁ ରାଜଧାନୀ ରାଜନୀତି ସରଗରମ ହୋଇଥିଲା।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ



ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆଇସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆଇସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଚ୍ଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧୦ରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ



ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ଓ୍ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଇଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ଅଳିଆଗଦାରେ ତରକାରୀ ଆଇନ

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାଫକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱାସ ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅୟଜ୍ଞୋ ବା ଏଷ ପୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୂତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍‌ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧ୍ୟକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୂରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୮

# ସାଂପ୍ରତିକ ସମୟରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ



ହିମାଂଶୁ ଶେଖର ଆଚାର୍ଯ୍ୟ

ଗଣତନ୍ତ୍ର ଗଣମାନଙ୍କର ଶାସନ । ଗଣତନ୍ତ୍ର ଶାସନର ସଫଳତା ଜନମତ ଉପରେ ନିର୍ଭର କରେ । ଆହୁରି ସ୍ପଷ୍ଟ ଭାବେ କହିଲେ ଏହାର ସଫଳତା ପ୍ରକୃତରେ ସାର୍ଥକ ଜନମତ ଉପରେ ନିର୍ଭରଶୀଳ । ସେଥିପାଇଁ ଗଣତନ୍ତ୍ରର ସଂଜ୍ଞା ଦେବାକୁ ଯାଇ ଆମେରିକାର ସୁନାମଧନ୍ୟ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ କହିଥିଲେ – "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଶାସନ"। ଗଣତାନ୍ତ୍ରିକ ଶାସନର ସ୍ଥପତିମାନେ ଗଣତନ୍ତ୍ରର ସଫଳତା ପାଇଁ ଚାରୋଟି ସ୍ତମ୍ଭ ଉପରେ ସମ୍ପୂର୍ଣ୍ଣ ଦାୟିତ୍ୱ ଥୋଇଦେଲେ । ସେଇ ସ୍ତମ୍ଭମାନଙ୍କ ଉପରେ ନିର୍ମାଣ ହେଲା ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥା । ସେମାନେ ହେଲେ – ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ ।

ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ । ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି । ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ଼ କରିପାରିଛି । ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତାର ସ୍ଥାନ ବଜାୟ ରଖିଛି । ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି । ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା । ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା । ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ । ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ । ସମ୍ବାଦପତ୍ର ସଂଖ୍ୟା ମଧ ବହୁତ କମ୍ ଥିଲା । ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢ଼ିଛି । ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି । ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ । ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଚ୍ଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପାଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ । ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି । ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ । ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ । ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି । ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ ପାଆନ୍ତି ନାହିଁ । ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍ ଅପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି । ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି । ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢ଼ିବାରେ ଲାଗିଛି । ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି । ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି । ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଓ ନିକଟରେ କୋଲକତାରେ ଘଟିଥିବା ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିବେନି । ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳାକାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍‌ଫଣ୍ଡ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ । କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେ ନାହିଁ ଓ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ ।

ଖାଲି ସେତିକି ନୁହେଁ ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି । ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି । ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକି ଆଣୁଛେ । ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢ଼ିବାରେ ଲାଗିଛି । ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି । ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି । ଫଳରେ ଏହା କେତେବେଳେ ଜଣକୁ 'ଜିରୋ' ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ' ରୁ 'ଜିରୋ' କରିଦେଉଛି । ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି । ଗଣମାଧ୍ୟମ ଏବେ ସରକାରୀ କଳର ହାତବାରସି ହେବାକୁ ଲାଗିଲେଣି । ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସାମ୍ବାଦିକମାନେ ଆଗଭର ହୋଇ ଆସିବା ଦରକାର । ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ । କିଏ ବା ନଜାଣିଛି ଏକଥା – "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ । ସାମ୍ବାଦିକମାନେ ତାଙ୍କର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ।

ଅବସରପ୍ରାପ୍ତ ଅଧ୍ୟାପକ
ତିର୍ତ୍ତୋଲ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# କିମ୍ବଦନ୍ତୀ ସମ୍ବନ୍ଧରେ ଶ୍ରୀକୁଳ ନବଦୁର୍ଗା ଉପାସନା



ଡ(ଇଂ) ସଞ୍ଜୟ କୁମାର ପଣ୍ଡା

ଶାକ୍ତତନ୍ତ୍ରର ପ୍ରଭାବ ବୌଦ୍ଧ ଧର୍ମର କ୍ରମଃ ବିଲୟ ଫଳରେ ଅଷ୍ଟମ ଶତାବ୍ଦୀ ବେଳକୁ ଦୃଢ଼ୀଭୂତ ହେବାକୁ ଲାଗିଲା । ହିନ୍ଦୁ ଧର୍ମରେ କିନ୍ତୁ ଶାକ୍ତତନ୍ତ୍ରକୁ ବୈଦିକଯୁଗୀୟ ଭାବେ ବିବେଚିତ କରାଯାଏ । ନିଗମ ଉପାସନା ପଦ୍ଧତିରେ ଋଷିମୁନିଗଣ କେବଳ ଘୃତଯଜ୍ଞ କରି ନିରାକାର ପରମବ୍ରହ୍ମଙ୍କୁ ପୂଜା କରୁଥିବାବେଳେ ଆଗମ ଉପାସନାରେ ତନ୍ତ୍ରର ପ୍ରୟୋଗ ହେଲା । କିମ୍ବଦନ୍ତୀ ଅନୁଯାୟୀ ପ୍ରଭୁ ଶିବଙ୍କ ମୁଖନିସୃତ ବାଣୀ ତନ୍ତ୍ର ରୂପେ ବିଦିତ ହେଲା, ଯାହାକି ମାତା ପାର୍ବତୀଙ୍କ ଦ୍ୱାରା ପ୍ରଥମେ ଶ୍ରବିତ ହେଲା । ତନ୍ତ୍ରଶାସ୍ତ୍ର ଯେ ଉଭୟ ଐତିହାସିକ ଓ କିମ୍ବଦନ୍ତୀ ପୃଷ୍ଠଭୂମିରେ ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ମୋକ୍ଷ ପ୍ରଦାନର ମାର୍ଗ ପ୍ରଦାନ କଲା, ଏହା ନିଃସନ୍ଦେହ । ଶୈବ ଓ ଶାକ୍ତ ସଂସ୍କୃତିର ଯୁଗଳବନ୍ଦୀ, ତତ୍‌ସହିତ ବୌଦ୍ଧଧର୍ମର ବିଲୟ ଶାକ୍ତ ସଂସ୍କୃତିର ବିଭବକୁ ବହୁଗୁଣିତ କଲା । ବୌଦ୍ଧଧର୍ମର ସମସ୍ତ ଦେବାଦେବୀ ତନ୍ତ୍ରୀୟ ଦେବୀ, ଦେବତା ରୂପେ ଶୈବ ଶାକ୍ତ ସଂସ୍କୃତିର ମହିମା ମଣ୍ଡନ କଲେ । ହିନ୍ଦୁ ଧର୍ମର ସମ୍ବେଦନଶୀଳ ଭିତ୍ତିଭୂମି ସର୍ବଧର୍ମକୁ ଆଦରି ନେବାର ବାର୍ତ୍ତାଦ୍ୱାରା ସମ୍ପ୍ରସାରିତ ହେଉଥିବାରୁ ବିଶ୍ୱର ସର୍ବପୁରାତନ ଶ୍ରେଷ୍ଠ ଧର୍ମର ମାନ୍ୟତା ପ୍ରାପ୍ତି କରିଛି । ଶାକ୍ତ ସଂସ୍କୃତିରେ ମନ୍ତ୍ର, ଯନ୍ତ୍ର, ତନ୍ତ୍ରର ପ୍ରଭାବ ସ୍ପଷ୍ଟ ଅନୁମିତ । ମନ୍ତ୍ର ଉଭୟ ଆଗମ ଓ ନିଗମ ଉପାସନାରେ ଅନ୍ତର୍ଗତ ବିଦ୍ୟା ହୋଇଥିବାବେଳେ ଯନ୍ତ୍ର ଓ ତନ୍ତ୍ର ଆଗମ ଉପାସନାରେ ତନ୍ତ୍ରୀୟ ପରମ୍ପରାର ଅଂଶବିଶେଷ ଅଟେ । ତନ୍ତ୍ରୀୟ ପରମ୍ପରାରେ ଯନ୍ତ୍ର ବା ଆସ୍ଥାନ କିମ୍ବା ପ୍ରାଣକୁଣ୍ଡଳୀ ବିରାଜିତ ହୋଇଥିବାବେଳେ ପଞ୍ଚମ' କାରରେ ପୂଜାର୍ଚ୍ଚନା କରାଯାଏ । କିନ୍ତୁ ମନ୍ତ୍ରର ପ୍ରୟୋଗ ନିଗମ କ୍ରିୟାରେ କେବଳ ସାତ୍ତ୍ୱିକ ଅବଲମ୍ବନରେ ସମ୍ପୂର୍ଣ୍ଣ ହୋଇଥାଏ । ମନ୍ତ୍ର ବୈଦିକ ଯୁଗର ଉଭୟ ଗଦ୍ୟ ପଦ୍ୟ ସମ୍ମିଶ୍ରଣରେ ସୃଷ୍ଟି ହେଉଥିବା ଛନ୍ଦବଦ୍ଧ କିମ୍ବା ଛନ୍ଦହୀନ ବୈଦିକ ସାହିତ୍ୟ ମନ୍ତ୍ରରେ ମୁଖ୍ୟତଃ ଧ୍ୱନିର ପ୍ରଭାବକୁ ପ୍ରାଧାନ୍ୟ ଦିଆଯାଏ, ଯାହାକି ଭକ୍ତର ଭକ୍ତିଭାବକୁ ସ୍ୱର୍ଗପୁରରେ ଭଗବାନଙ୍କ ସମୀପରେ ସମର୍ପଣ କରିଥାଏ । 'ଓଁ' ଉଚ୍ଚାରଣ ମନ୍ତ୍ରର ବୀଜ ରୂପ । ଏହା ଜପ, ତପ, ଯଜ୍ଞରେ ପ୍ରମୁଖ ଭାବେ ବ୍ୟବହୃତ । ପୁନଶ୍ଚ ମନ୍ତ୍ର ବିନା ତନ୍ତ୍ର, ଯନ୍ତ୍ର ନିଷ୍ପ୍ରୟୋଜନ ଜ୍ଞାତ ହୁଏ । ତନ୍ତ୍ରୀୟ ପରମ୍ପରାରେ ଆଗମ ପଞ୍ଚରାତ୍ର, ଶୈବାଗମ ଓ ଶାକ୍ତ ଆଗମ ପାଳନ କରାଯାଏ । ତନ୍ତ୍ରେ ମାନବ ସମାଜକୁ ଭୟରୁ ତ୍ରାଣ ପ୍ରଦାନ କରିଥାଏ । "ତ୍ରାସାତ୍ ତ୍ରାଣଣାତ୍ ତନ୍ତ୍ରଃ" । ତନ୍ତ୍ର ମୋକ୍ଷ ପ୍ରଦାନ କରିଥାଏ । ଅଥର୍ବ ବେଦ ହିଁ ତନ୍ତ୍ରଶାସ୍ତ୍ର ରୂପେ ବିବେଚିତ । ଏହା ସହ ଶିବ ପୁରାଣ, ଦେବୀ ପୁରାଣ, ମାର୍କଣ୍ଡେୟ ପୁରାଣ, ଅଗ୍ନି ପୁରାଣ ଓ ବ୍ରହ୍ମ ବୈବର୍ତ୍ତ ପୁରାଣରେ ତନ୍ତ୍ର ସମ୍ବନ୍ଧରେ ଉଲ୍ଲେଖ ରହିଛି । ମନ୍ତ୍ର ସାତ୍ତ୍ୱିକ ବ୍ୟବହାର ହେଉଥିବାବେଳେ ତନ୍ତ୍ର ଓ ମନ୍ତ୍ରର ମିଳିତ ପ୍ରୟୋଗ କେବେ କେବେ ଅବିତ୍ତର କର୍ମରେ ବ୍ୟବହାର କରି ଅନ୍ୟର କ୍ଷତି ସାଧନ କରାଯାଏ । ମାରଣ, ମୋହନ, ବଶୀକରଣ, ସ୍ତମ୍ଭନ, ଉଚ୍ଚାଟନ, ଆକର୍ଷଣ ଆଦି ଅବିଚାର ତନ୍ତ୍ର ସାଧନ ଅଟେ, ଯାହାକି ବୈଦିକ ତତ୍ତ୍ୱ ବିରୋଧୀ ଅଟେ, ଏଣୁ ବର୍ଜନୀୟ । ସାକାର ଉପାସନାରେ ମୂର୍ତ୍ତି ପୂଜା ହେଉଥିବାବେଳେ ତନ୍ତ୍ରୀୟ ଧାରାରେ ଯନ୍ତ୍ରର ପ୍ରୟୋଗ ହୁଏ । ଯନ୍ତ୍ର ସାଧାରଣତଃ ଜ୍ୟାମିତିକ ଉପଯୋଗରୁ ସୃଷ୍ଟି ଓ ଏହାର ପ୍ରୟୋଗ ଦେବାଦେବୀଙ୍କ ସ୍ୱରୂପ ରୂପେ କରାଯାଏ । ଯନ୍ତ୍ରକୁ ଦେବାଦେବୀଙ୍କ ଶରୀର ଓ ପ୍ରାଣ ରୂପେ ବିବେଚନା କରାଯାଏ । ଯନ୍ତ୍ରକୁ କେବେ ସାକ୍ଷାତ ରୂପେ ପୂଜା କରାଯାଏ ତ' କେବେ କବଚ ରୂପେ ଶରୀରରେ ଧାରଣ କରାଯାଏ । ତନ୍ତ୍ର, ମନ୍ତ୍ର, ଯନ୍ତ୍ର କେବଳ ଦୀକ୍ଷାଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରି ସଫଳ ପ୍ରୟୋଗ କରାଯାଏ ।

ଶାକ୍ତତନ୍ତ୍ରରେ ଦୁଇଟି କୁଳ ବିଦ୍ୟମାନ, ଯଥା– ଶ୍ରୀକୁଳ (ସମ୍ପ୍ରଦାୟ) ଓ କାଳୀକୁଳ । ଶ୍ରୀକୁଳ ସମ୍ପ୍ରଦାୟରେ ତ୍ରିପୁରାସୁନ୍ଦରୀଙ୍କୁ ସାଧାରଣତଃ ଦକ୍ଷିଣ ଭାରତରେ ସପ୍ତମ ଶତାବ୍ଦୀ କାଳରେ ପୂଜନ କରାଯାଉଥିବାବେଳେ କାଳୀକୁଳରେ କାଳୀ, ଦୁର୍ଗାଙ୍କ ପୂଜା ମୁଖ୍ୟତଃ ଉତ୍ତର, ଉତ୍ତର ପଶ୍ଚିମ ଓ କେନ୍ଦ୍ରୀୟ ଭାରତରେ ପାଳନ କରାଯାଏ । ଓଡ଼ିଶା, ପଶ୍ଚିମବଙ୍ଗ, ଆମାସ ଆଦିରେ କାଳୀକୁଳ ଅନୁସୃତ ହୁଏ ।

ଶ୍ରୀକୁଳ ସମ୍ପ୍ରଦାୟରେ ଶ୍ରୀବିଦ୍ୟାର ପ୍ରୟୋଗ ହୁଏ । ଏହି ବିଦ୍ୟାରେ ଶ୍ରୀଚକ୍ରକୁ ମୁଖ୍ୟ ସଙ୍କେତ ରୂପେ ପୂଜା କରାଯାଏ । ଶ୍ରୀକୁଳରେ ଦେବୀଙ୍କୁ ସୌମ୍ୟ, ସୁନ୍ଦର ଭାବେ ଆରାଧନା କରାଯାଇ ଭଦ୍ର ରୂପେ ଲଳିତା ସହ ସମ୍ପର୍କିତ କରାଯାଏ । କିନ୍ତୁ କାଳୀକୁଳରେ ମାତା କାଳୀ ଓ ଦୁର୍ଗାଙ୍କ ଭୟଙ୍କରୀ ରୂପ ପୂଜନ କରାଯାଏ । ଶ୍ରୀକୁଳରେ ଶ୍ରୀଚକ୍ରଙ୍କୁ ଦ୍ୱିସମତଳ ଚିତ୍ରପଟ୍ଟରେ ପୂଜା କରାଯାଏ । ତ୍ରିତଳ ବିଶିଷ୍ଟ ଶ୍ରୀମେରୁକୁ ମଧ୍ୟ ପୂଜନ କରାଯାଏ । ଦକ୍ଷିଣ ଭାରତର ମନ୍ଦିର ନିର୍ମାଣ କୌଶଳ ଶ୍ରୀମେରୁ ସ୍ୱରୂପ ହୋଇଥାଏ । ଶ୍ରୀକୁଳରେ ମଧ କାଳୀକୁଳ ପରି ବାମଚାରୀ ଓ ଦକ୍ଷିଣଚାରୀ ଅନୁମାର୍ଗୀ ରହିଥାନ୍ତି । ବାମାଚାରୀଙ୍କୁ କୌଳ ଓ ଦକ୍ଷିଣାଚାରୀଙ୍କୁ ସମୟ କୁହାଯାଏ । ଦକ୍ଷିଣାଚାରୀମାନେ ବ୍ରାହ୍ମଣ୍ୟ ସଂସ୍କୃତିର ଅନୁଗାମୀ ଅଟନ୍ତି । ଶ୍ରୀକୁଳ ପରମ୍ପରାରେ କାଳୀକୁଳ ସଦୃଶ ବର୍ଷକୁ ଚାରୋଟି ନବରାତ୍ରି ପାଳିତ ହୁଏ । ଯଥା– ବାସନ୍ତିକ, ମାଘ, ଆଷାଢ଼ ଓ ଆଶ୍ୱିନ (ଶାରଦୀୟ) ନବରାତ୍ରି । କାଳୀକୁଳ ନବରାତ୍ରିରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରି ଓ ସିଦ୍ଧିଦାତ୍ରୀ ଦେବୀ ପୂଜିତ ହୁଅନ୍ତି । ଠିକ୍ ସେହିପରି ଶ୍ରୀକୁଳ ସମ୍ପ୍ରଦାୟୀ ନବରାତ୍ରିରେ ଶ୍ରୀବାଳା ତ୍ରିପୁରସୁନ୍ଦରୀ, ଶ୍ରୀଗାୟତ୍ରୀ ଦେବୀ, ଶ୍ରୀଅନ୍ନପୂର୍ଣ୍ଣା ଦେବୀ, ଶ୍ରୀଲଳିତା ତ୍ରିପୁରସୁନ୍ଦରୀ ଦେବୀ, ଶ୍ରୀମହାଚଣ୍ଡୀ ଦେବୀ, ଶ୍ରୀମହାଲକ୍ଷ୍ମୀ ଦେବୀ, ଶ୍ରୀମହାସରସ୍ୱତୀ ଦେବୀ, ଶ୍ରୀଦୁର୍ଗାଦେବୀ ଓ ଶ୍ରୀମହିଷାସୁର ମର୍ଦ୍ଦିନୀ ଦେବୀ । ବିଜୟାଦଶମୀ ତିଥିରେ କାଳୀକୁଳରେ ମାତା ଦୁର୍ଗା ଓ ଶ୍ରୀକୁଳରେ ରାଜାରାଜେଶ୍ୱରୀ ଦେବୀ ପୂଜିତ ହୋଇଥାନ୍ତି।

ବାଳା ତ୍ରିପରସୁନ୍ଦରୀ ତାନ୍ତ୍ରିକ ଦେବୀ ତ୍ରିପୁରା ସୁନ୍ଦରୀଙ୍କ କନ୍ୟା ଅଟନ୍ତି, ଯାହାଙ୍କ ଅନ୍ୟନାମ ବାଳାମ୍ବିକା ଅଟେ । ବ୍ରହ୍ମାଣ୍ଡ ପୁରାଣର ଅନୁଚ୍ଛେଦ-୨୬ ରେ ଲଳିତା ମାହାତ୍ମ୍ୟରେ ବାଳା ତ୍ରିପୁରସୁନ୍ଦରୀଙ୍କ ବର୍ଣ୍ଣନା ରହିଛି । ଭଣ୍ଡାସୁର ସହ ଯୁଦ୍ଧ କରିବାକୁ ନ'ବର୍ଷୀୟ ବାଳାମ୍ବିକା ଜିଦ୍ କରିବାରୁ ପ୍ରଥମରୁ ଅରାଜି ଥିବା ମାତା ତ୍ରିପୁରସୁନ୍ଦରୀ ତାଙ୍କୁ ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କଲେ, ଫଳତଃ ବାଳାମ୍ବିକା ଭଣ୍ଡାସୁରରର ତିରିଶ ପୁତ୍ରଙ୍କୁ ବଧ କରିଥିଲେ । ବାଳା ତ୍ରିପୁରସୁନ୍ଦରୀର ତିନୋଟି ଚକ୍ର ମୁଳାଧାର, ଅନାହତ ଓ ଆଜ୍ଞା ରହିଛି । ଏହି ଚକ୍ର ବିଦ୍ୟାକୁ ବିନା ଗୁରୁଦୀକ୍ଷାରେ ସାଧନ କରିବା ଅନୁଚିତ୍ । ବାଳା ତ୍ରିପୁରସୁନ୍ଦରୀଙ୍କ ସିଂହାସନ ଚାରୋଟି ସ୍ତମ୍ଭରେ ଦଣ୍ଡାୟମାନ, ଯଥା-ବ୍ରହ୍ମା, ବିଷ୍ଣୁ, ରୁଦ୍ର ଓ ମହେଶ୍ୱର । ପୁନଶ୍ଚ ନିଜର ପାପୋଚ୍ଛ ଭାବେ ସଦାଶିବ ବିଦ୍ୟମାନ । ମାଁଙ୍କ ଚରଣରେ ପାୟସ ଭୋଗ ଅର୍ପଣ କରାଯାଏ । ଚତୁର୍ଭୁଜା ମାଁଙ୍କ ହାତରେ ପୁସ୍ତକ, ରୁଦ୍ରାକ୍ଷ, ଅଭୟ ଓ ବରଦ ମୁଦ୍ରା ରହିଛି ଓ ମାଁ ଶ୍ୱେତ ପଦ୍ମାସନା ଅଟନ୍ତି, ଯାହାଙ୍କ ବାହନ ଷଣ୍ଢ ଅଟେ । ଶ୍ରୀଗାୟତ୍ରୀ ଦେବୀଙ୍କୁ ବେଦମାତା ରୂପେ ସରସ୍ୱତୀଙ୍କ ସ୍ୱରୂପା ରୂପେ ଆରାଧନା କରାଯାଏ । ଏତଦ୍‌ବ୍ୟତୀତ ମାଁଙ୍କୁ ମହାଦେବୀ, ସାବିତ୍ରୀ ରୂପେ ମଧ ବର୍ଣ୍ଣନା କରାଯାଏ । ମାତା ଗାୟତ୍ରୀଙ୍କ ନାମ ଋଗବେଦରେ ଉଲ୍ଲିଖିତ । ମତ୍ସ୍ୟ ପୁରାଣ ଅନୁସାରେ ବ୍ରହ୍ମାଙ୍କ ବାମପାର୍ଶ୍ୱ ଅର୍ଦ୍ଧଶରୀର ମାତା ସରସ୍ୱତୀ ବା ଗାୟତ୍ରୀ ରୂପ ଅଟେ । ଅନ୍ୟ କିମ୍ବଦନ୍ତୀ ଅନୁଯାୟୀ ବ୍ରହ୍ମାଙ୍କର ପ୍ରଥମ ସ୍ତ୍ରୀ ଭାବେ ସାବିତ୍ରୀ ଓ ଦ୍ୱିତୀୟରେ ଗାୟତ୍ରୀ ରହିଛନ୍ତି । ପଦ୍ମ ପୁରାଣ ଅନୁସାରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନିବେଦନ କ୍ରମେ ସାବିତ୍ରୀ ଗାୟତ୍ରୀଙ୍କୁ ଭଗ୍ନୀ ରୂପେ ଗ୍ରହଣ କରିଥିଲେ । ପୁନଶ୍ଚ ବରାହ ପୁରାଣ ମତରେ ମାତା ଗାୟତ୍ରୀ ବେତ୍ରାସୁରକୁ (ବିତ୍ର ଅସୁର ଓ ବେତ୍ରାବତୀ ନଦୀଙ୍କ ପୁତ୍ର) ନବରାତ୍ରିରେ ବଧ କରିଥିଲେ । ମାତା ଶ୍ରୀଅନ୍ନପୂର୍ଣ୍ଣା ଦେବୀଙ୍କୁ ଅନ୍ନଦା, ଅନ୍ନପୂର୍ଣ୍ଣେଶ୍ୱରୀ ରୂପେ ପୂଜା କରାଯାଏ । ମାତା ଅନ୍ନପୂର୍ଣ୍ଣା ପାର୍ବତୀଙ୍କ ସ୍ୱରୂପା ଅଟନ୍ତି ତଥା ଅନ୍ନ ଓ ପ୍ରତିପୋଷଣର ମାତା ରୂପେ ଆରାଧ । କିମ୍ବଦନ୍ତୀ ଅନୁଯାୟୀ ଏକଦା ମାତା ପାର୍ବତୀଙ୍କ ପ୍ରଭୁଶିବଙ୍କ ସହ ଏକ ମତାନ୍ତର ହେଲା । ପ୍ରଭୁ ଶିବ ଭୌତିକ ସୁଖ ଏକ ମାୟା କହିବାରୁ, ଭୌତିକ ଜଗତ ଦେବୀ ପାର୍ବତୀ ଏହାକୁ ଗ୍ରହଣ ନ କରି ନିଜର ମହତ୍ତ୍ୱ ପ୍ରଦର୍ଶନ କରିବାକୁ ବ୍ରହ୍ମାଣ୍ଡରୁ ଅନ୍ତର୍ଦ୍ଧାନ ହୋଇଗଲେ । ଫଳରେ ସମସ୍ତ ଦେବାଦେବୀ, ଭକ୍ତଗଣ କ୍ଷୁଧା ପ୍ରପୀଡ଼ିତ ହେଲେ । କୌଣସି ସୂତ୍ରରୁ ଶିବ ଓ ତାଙ୍କ ଭକ୍ତଗଣ ଜାଣିପାରିଲେ ଯେ, କାଶୀରେ ହିଁ ବର୍ତ୍ତମାନ ଭୋଜନ ପ୍ରାପ୍ତ ହେଉଛି । କିନ୍ତୁ ଏହା ଯେ, ମାତା ପାର୍ବତୀ ଅନ୍ନପୂର୍ଣ୍ଣା ନାମରେ ଅଧିଷ୍ଠିତ ହୋଇ ଭୋଜନ ବଣ୍ଟନ କରୁଛନ୍ତି ଜାଣି ପ୍ରଭୁ ଶିବ ଓ ଭକ୍ତଗଣ ମାଁଙ୍କ ମହାତ୍ମ୍ୟକୁ ହୃଦ୍‌ବୋଧ କଲେ । ଅକ୍ଷୟ ତୃତୀୟାରେ ମାଁଙ୍କ ଜନ୍ମଦିନ ହୋଇଥିବାରୁ ସେହି ତିଥିରେ ମହାସମାରୋହରେ ପୂଜାର୍ଚ୍ଚନା ହୁଏ ।

ଶ୍ରୀଲଳିତା ତ୍ରିପୁରସୁନ୍ଦରୀ ଦେବୀ ମାତା ଆଦିପରାଶକ୍ତି ରୂପେରେ ମହାଦେବୀ ପାର୍ବତୀ ସ୍ୱରୂପା ହୋଇ ପୂଜ୍ୟା । ମାତାଙ୍କୁ ଦଶମହାବିଦ୍ୟାକୁ ଶ୍ରେଷ୍ଠ ରୂପେ ପୂଜାର୍ଚ୍ଚନା କରାଯାଏ । ସିଂହବାହିନୀ ମାତା ଶିବଙ୍କ ପତ୍ନୀ ରୂପେ ଶ୍ରୀଯନ୍ତ୍ରରେ ଆରୂଢ଼ା । କିମ୍ବଦନ୍ତୀ ଅନୁଯାୟୀ ବ୍ରହ୍ମାଣ୍ଡ ପୁରାଣରେ ମାତା ଲଳିତାଙ୍କ ବର୍ଣ୍ଣନା ରହିଛି । ମାତା ଦିବ୍ୟପ୍ରେମ, ଆଶିଷ, ଶକ୍ତି ଓ ଜ୍ଞାନର ପ୍ରତୀକ ରୂପେ ପୂଜିତା । ତ୍ରିପୁର ରହସ୍ୟ ଗ୍ରନ୍ଥ ଅନୁଯାୟୀ ମାତା ଲଳିତା ତ୍ରିପୁରସୁନ୍ଦରୀ ବ୍ରହ୍ମାଣ୍ଡ ସୃଷ୍ଟିପୂର୍ବରୁ ବିଦ୍ୟମାନ ଯିଏକି ତ୍ରିମୂର୍ତ୍ତି ସୃଷ୍ଟି କରିଥିଲେ । ଫଳରେ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା । ଶ୍ରୀମହାଚଣ୍ଡୀ ଦେବୀ ମାତା ଚଣ୍ଡୀଙ୍କ ସ୍ୱରୂପା ହୋଇ ଶକ୍ତି, ସାମର୍ଥ୍ୟ ଓ ସଂରକ୍ଷଣର ପ୍ରତୀକ ରୂପେ ପୂଜିତା । ମାତାଙ୍କ କନକ ଦୁର୍ଗା ହିଁ ଶ୍ରୀମହାଚଣ୍ଡୀ ଦେବୀ ଯିଏକି ମହାଗୌରୀ, ଚଣ୍ଡୀକା ଓ ଅପରାଜିତା ରୂପେ ଚିରବନ୍ଦ୍ୟା । ଦେବୀ କୌଶିକୀ ଦ୍ୱାରା ଜାତ ଶ୍ରୀମହାଚଣ୍ଡୀ ଦେବୀ ଚଣ୍ଡ, ମୁଣ୍ଡ ଓ ମହିଷାସୁରକୁ ମଧ ବଧ କରିଥିଲେ । ଅନ୍ୟ କିମ୍ବଦନ୍ତୀ ଅନୁଯାୟୀ, ମାତା ଚଣ୍ଡୀରୂପ ଧାରଣ କରି ରକ୍ତବୀଜ ଅସୁର ଓ ତା'ର ସୈନ୍ୟସାମନ୍ତଙ୍କ ରକ୍ତ ପାନକରି ନିପାତ କରିଥିଲେ । ସ୍କନ୍ଦ ପୁରାଣରେ ଏହାର ବର୍ଣ୍ଣନା ରହିଛି । ନାରଦ ପୁରାଣ ଅନୁଯାୟୀ ଲକ୍ଷ୍ମୀଙ୍କ ଶକ୍ତିଶାଳୀ ସ୍ୱରୂପା ଶ୍ରୀଚଣ୍ଡୀଦେବୀ ଅଟନ୍ତି ।

ଶ୍ରୀମହାଲକ୍ଷ୍ମୀ ଦେବୀ ଧନ, ଧାନ୍ୟ, ଐଶ୍ୱର୍ଯ୍ୟ ଦେବୀ ରୂପେ ବନ୍ଦନୀୟ । ମାତା କାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ତ୍ରିଦେବୀ ରୂପେ ପୂଜନୀୟା । ପ୍ରାକ୍ ବୁଦ୍ଧଯୁଗରୁ ମାତା ଲକ୍ଷ୍ମୀ ପୂଜିତା, ଯାହାଙ୍କ ବର୍ଣ୍ଣନା ପ୍ରାକ୍ ବୈଦିକ ଯୁଗର ଗ୍ରନ୍ଥରେ ନାହିଁ, ତଥାପି ପୁରାଣରେ ଶ୍ରୀସୁକ୍ତମ୍‌ରେ ମାତା ଲକ୍ଷ୍ମୀଙ୍କ ଉଲ୍ଲେଖ ରହିଛି । ବୈଷ୍ଣବ ଆଗମ ଦେବୀ ରୂପେ ମାତା ଶାକ୍ତତନ୍ତ୍ରରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛନ୍ତି, ଯିଏକି ମନୁଷ୍ୟର ଚତୁଃବର୍ଗ-ଧର୍ମ, କାମ, ଅର୍ଥ, ମୋକ୍ଷକୁ ପରିଚାଳନା କରିଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ କ୍ଷୀରସାଗର ମନ୍ଥନରୁ ବିଷ୍ଣୁ, ଲକ୍ଷ୍ମୀ ମାତାଙ୍କୁ ପ୍ରାପ୍ତ ହୋଇଥିଲେ । ଏତଦ୍‌ବ୍ୟତୀତ ପଦ୍ମ ପୁରାଣ, ଗରୁଡ଼ ପୁରାଣ ଓ ଲିଙ୍ଗ ପୁରାଣ ଅନୁଯାୟୀ ମାତା ଲକ୍ଷ୍ମୀ ଭୃଗୁଋଷି ଓ ଖ୍ୟାତିଙ୍କ କନ୍ୟା ରୂପେ ଭାର୍ଗବୀ ରୂପେ ଜନ୍ମିତା ।

ତ୍ରିଦେବୀ ମଧ୍ୟରୁ ଅତ୍ୟତମା ଜ୍ଞାନ ପ୍ରଦାୟିନୀ ମାତା ସରସ୍ୱତୀ, ଯିଏକି ବୌଦ୍ଧ ସଂସ୍କୃତି ଓ ହିନ୍ଦୁ ଧର୍ମର ଆରାଧ ଦେବୀ । ବୈଦିକ ଦେବୀ ରୂପେ ସରସ୍ୱତୀ ନଦୀ ଭାବେ ଚିରବନ୍ଦ୍ୟା । ଋଗ୍‌ବେଦରେ ମାତାଙ୍କ ବର୍ଣ୍ଣନା ରହିଛି, ଯାହାଙ୍କୁ ଜଳଦେବୀ ବୋଲି ବ୍ୟାଖ୍ୟା କରାଯାଇଛି । ମାତା ସରସ୍ୱତୀ ବ୍ରହ୍ମାଙ୍କ ସୃଷ୍ଟି ଓ ସେ କିପରି ବ୍ରହ୍ମାଙ୍କ ପତ୍ନୀ ହେଲେ, ଏ ପ୍ରସଙ୍ଗ ମାର୍କଣ୍ଡେୟ ପୁରାଣ, ମତ୍ସ୍ୟ ପୁରାଣ, ବାୟୁ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣରେ ବର୍ଣ୍ଣିତ । ମତ୍ସ୍ୟ ପୁରାଣରେ ମାତା ଚତୁର୍ଭୁଜା, ଯିଏକି ପୁସ୍ତକ, ମାଳା, ବୀଣା ଓ କମଣ୍ଡଳୁ ଧାରଣ କରି ହଂସରୂଢ଼ା ହେବା ବର୍ଣ୍ଣିତ । ମହାଦେବୀ ମାତା ରୂପେ ଦୁର୍ଗା ଦେବୀ ହିନ୍ଦୁ ଧର୍ମରେ ଶକ୍ତି, ମାତା, ପ୍ରଳୟ ଓ ସଂରକ୍ଷଣର ଦେବୀ ରୂପେ ଆରାଧିତ । ଦେବୀ ମହାତ୍ମ୍ୟ, ଦେବୀ ଭାଗବତ ପୁରାଣରେ ମାତା ଦୁର୍ଗା ବ୍ରହ୍ମାଣ୍ଡ ସୃଷ୍ଟିକାରିଣୀ ଅଟନ୍ତି । ସ୍ମାର୍ତ୍ତ ପରମ୍ପରା ଅନୁଯାୟୀ ପଞ୍ଚଯାତନା ପୂଜାର ଅନ୍ୟତମ ଦେବୀ । ସେ ଭଗବାନ ବିଷ୍ଣୁଙ୍କ କନିଷ୍ଠା ଭଗ୍ନୀ ଓ ଶିବଙ୍କ ସହଧର୍ମିଣୀ । କିମ୍ବଦନ୍ତୀ ଅନୁଯାୟୀ ମାତା ଦୁର୍ଗା ମହିଷାସୁର ବଧ କରିଥିଲେ । ବୈଷ୍ଣବ ତନ୍ତ୍ରରେ ମାତା ଦୁର୍ଗାଙ୍କୁ ଯୋଗମାୟା ରୂପେ ବର୍ଣ୍ଣନା କରାଯାଏ, ଯିଏକି ଯଶୋଦା ଓ ନନ୍ଦଙ୍କ କନ୍ୟା ଅଟନ୍ତି । କଂସ ତାଙ୍କୁ କଚାଡ଼ି ମାରିବାକୁ ଚେଷ୍ଟା କରନ୍ତେ ସେ ଉଭାନ ହୋଇ ଅଷ୍ଟଦଶଭୂଜା ସ୍ୱରୂପ ଦର୍ଶନ କରାଇଥିଲେ ।

ମାତା ଦୁର୍ଗା ହିଁ ନୂତନ ରୂପ ଗ୍ରହଣ କରି ସିଂହାରୂଢ଼ା ହୋଇ ଦଶଭୂଜା, ଅଷ୍ଟଭୂଜା ଓ ଅଷ୍ଟାଦଶ ଭୂଜା ରୂପ ଧାରଣ କରି ମହିଷାସୁର ବଧ କରିଥିଲେ । ଶ୍ରୀରାଜାରାଜେଶ୍ୱରୀ ଦେବୀ ମାତା ଲଳିତା ରୂପେ ସୁପରିଚିତା ଓ ଚିରବନ୍ଦ୍ୟା । ସେ ଦଶମହାବିଦ୍ୟାର ତୃତୀୟ ଦେବୀ ରୂପେ ଷୋଡ଼ଶୀ ରୂପେ ମଧ ଆଖ୍ୟାୟିତା । ମାତା ଷୋଡ଼ଶୀ ବୟସୀ ଅନିନ୍ଦ୍ୟ ସୁନ୍ଦରୀ ନିଜର ସୌମ୍ୟ ରୂପକାନ୍ତି ପ୍ରକଟ କରି ମାନବ ସମାଜକୁ ଷୋହଳ ଉପଦେଶ ପ୍ରଦାନ କରି ମୋକ୍ଷ ମାର୍ଗ ପ୍ରଶସ୍ତିତ କରିଛନ୍ତି । ଜ୍ଞାନ ସ୍ୱରୂପିଣୀ ମାତା ତ୍ରିମୂର୍ତ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ତାଙ୍କୁ ରାଜାରାଜେଶ୍ୱରୀ ଦେବୀ ମାନ୍ୟତା ମିଳିଛି । କିମ୍ବଦନ୍ତୀ ଅନୁଯାୟୀ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥି ବା ବିଜୟାଦଶମୀରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ମାତାଙ୍କ ଠାରୁ ଗୁପ୍ତଜ୍ଞାନ "ଚଣ୍ଡୀହୋମ" କରି ପ୍ରାପ୍ତ ହୋଇଥିଲେ ଓ ରାବଣଙ୍କୁ ବଧ କରିଥିଲେ । ଠିକ୍ ସେହିପରି ଏହି ଦିନରେ ମାତା ଦୁର୍ଗା ମହିଷାସୁରକୁ ବଧ କରିଥିବାରୁ ଅଧର୍ମ ବିରୁଦ୍ଧରେ ଧର୍ମର ଜୟ ଦିବସ ହିନ୍ଦୁ ଧର୍ମାନୁସାରେ ଅତି ଭକ୍ତିମୟ ପରିବେଶରେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ତନ୍ତ୍ରଶାସ୍ତ୍ରରେ ଶକ୍ତିର ପ୍ରଭାବ ସ୍ପଷ୍ଟ । ବୈଦିକ ଯୁଗରୁ ହିଁ ମହିଳା ଶକ୍ତି ବ୍ରହ୍ମାଣ୍ଡକୁ ସଂରକ୍ଷଣ ପ୍ରଦାନ କରିଛି । ଶୈବ ଓ ବୈଷ୍ଣବ ସଂସ୍କୃତି ସହ ଶାକ୍ତ ସଂସ୍କୃତିର ଅପୂର୍ବ ମିଳନ ଓ ତାତ୍ତ୍ୱିକ ଅବଲମ୍ବନ ହିନ୍ଦୁ ଧର୍ମର ମହନୀୟତାକୁ ପ୍ରଦର୍ଶିତ କରୁଛି । ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ସାଧନା ହିନ୍ଦୁ ଧର୍ମର ମୌଳିକ ଉପାସନା ପଦ୍ଧତି । ବିଭିନ୍ନ କିମ୍ବଦନ୍ତୀ ଓ ପୌରାଣିକ ଆଧାରରେ ବିଭିନ୍ନ ପ୍ରାନ୍ତରେ ଏହି ବିଶାଳ ଧର୍ମର ବିଭିନ୍ନତା ହିନ୍ଦୁ ଧର୍ମର ପ୍ରକାଣ୍ଡ ସୌଷ୍ଠବକୁ ଇଙ୍ଗିତ କରୁଛି । ମାନବୀୟ ମୂଲ୍ୟବୋଧ, ନୀତି. ଅନୀତିର ପରିମାପରେ ଧର୍ମୀୟ ଭାବଧାରାରେ ସଦା ଚଳଚଞ୍ଚଳ । ଏଣୁ ହିନ୍ଦୁ ଧର୍ମ ଭବ୍ୟ, ଦିବ୍ୟ ଓ ଅନନ୍ୟ ।

*ପ୍ରାକ୍ତନ ଅର୍ଥକମିଟି ସଦସ୍ୟ*
*ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର*
*ମୋ-୯୪୩୭୦୭୯୦୯୯*

# ନିର୍ବାଚନ ସୁଧାରରୁ ଏକ ଦେଶ-ଏକ ନିର୍ବାଚନ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର

୧୯୭୪ ମସିହାରେ ଯେତେବେଳେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶାସନକୁ ବିରୋଧ କରି ସ୍ୱର୍ଗତ ଜୟପ୍ରକାଶ ନାରାୟଣ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ଆରମ୍ଭ କରିଥିଲେ ସେଇ ଆନ୍ଦୋଳନର ଏକ ପ୍ରମୁଖ ବିଷୟ ଥିଲା ନିର୍ବାଚନକୁ ସୁଧାରିବା । ଜୟ ପ୍ରକାଶ ନାରାୟଣ ଚାହୁଁଥିଲେ ଯେ ଭାରତରେ ନିର୍ବାଚନ କ୍ରମାଗତ ଭାବେ ମହଙ୍ଗା ହେବାରେ ଲାଗିଛି ଏଣୁ ବ୍ୟବସ୍ଥାକୁ ସୁଧାରିପାରିଲେ ନିର୍ବାଚନୀ ବ୍ୟୟ କମିବ ଫଳତଃ ଜଣେ ସାଧାରଣ ନାଗରିକ ମଧ ରାଜନୈତିକ ପ୍ରକ୍ରିୟାରେ ସକ୍ରିୟ ହୋଇ ଭାଗ ନେଇ ପାରିବ । ଜୟପ୍ରକାଶ ନାରାୟଣ ଭାବୁଥିଲେ ଯେ ଭାରତର ଭ୍ରଷ୍ଟାଚାରର ଜଡ଼ ହେଉଛି ନିର୍ବାଚନ ପ୍ରକ୍ରିୟା । ଏଣୁ ଏହାକୁ ସୁଧାରି ପାରିଲେ ଭ୍ରଷ୍ଟାଚାର ସମାପ୍ତ ହୋଇଯିବ । ଜୟପ୍ରକାଶ ବା ଜେପିଙ୍କ ସେଇ ଆନ୍ଦୋଳନରେ ସେ ସମୟରେ ଦେଶରେ କଂଗ୍ରେସ ବିରୋଧି ଦଳ ମାନେ ସାମିଲ ହୋଇଥିଲେ । ପରେ ଜନସଂଘ (ବର୍ତ୍ତମାନର ବିଜେପି) ମଧ ଆନ୍ଦୋଳନରେ ସାମିଲ ହୋଇଥିଲା । ଜେପିଙ୍କ ଆନ୍ଦୋଳନ ମୂଳ ଋପରେ ଛାତ୍ର ଆନ୍ଦୋଳନର ବିରାଟ ସ୍ୱରୂପ ଥିଲା ଓ ଗୁଜୁରାଟରୁଏହି ଆନ୍ଦୋଳନର ଆରମ୍ଭ ହୋଇଥିଲା । ଗୁଜୁରାଟରେ ଲୋକଙ୍କ ସମସ୍ୟାକୁ ନେଇ ଛାତ୍ରମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ପରେ ଏହି ଆନ୍ଦୋଳନ ବିହାରକୁ ବ୍ୟାପିଲା ଓ ପରବର୍ତ୍ତୀ ସମୟରେ ବ୍ୟାପକ ହୋଇଥିଲା ।

ଜୟପ୍ରକାଶ ନାରାୟଣ ସେ ସମୟରେ ଇନ୍ଦିରାଗାନ୍ଧୀଙ୍କ ଶାସନରେ ଭ୍ରଷ୍ଟାଚର ବୃଦ୍ଧିକୁ ଏକ ପ୍ରସଙ୍ଗ କରିଥିଲେ ଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଜୟପ୍ରକାଶ (ଜେପି) ଦଳ ବିହୀନ ଗଣତନ୍ତ୍ରର ବିମର୍ଷ ଆରମ୍ଭ କରି ଦେଇଥିଲେ ଏବଂ ଦେଶରେ ରାଜନୀତିଗତ ଶୁଦ୍ଧିକରଣ ଚାହୁଁଥିଲେ । ଜେପି ମଧ ସଂସ୍ଥାଗତ ପରିବର୍ତ୍ତନ ଚାହୁଁଥିଲେ । କିଁ ସେଇ ୧୯୭୪ରେ ଏମିତି ଏକ ଘଟଣା ଘଟିଲା ଯେଉଁଥିପାଇଁ ଭାରତରେ ନିର୍ବାଚନ ପ୍ରକ୍ରିୟା ପାଇଁ ସଂଶୟର ବାତାବରଣ ସୃଷ୍ଟି କରିଥିଲା । ଦିଲ୍ଲୀର ଲୋକସଭା ଆସନରେ ୧୯୭୧ରେ ହୋଇଥିବା ନିର୍ବାଚନରେ ଜନସଂଘର ପ୍ରାର୍ଥୀ କଂଗ୍ରେସର ପ୍ରାର୍ଥୀଙ୍କଠାରୁ ନିର୍ବାଚନରେ ହାରିଯାଇଥିଲେ । ୧୯୭୧ର ନିର୍ବାଚନରେ ଦିଲ୍ଲୀର ସବୁ ଲୋକସଭା ଆସନରେ କଂଗ୍ରେସର ପ୍ରାର୍ଥୀ ବିଜୟୀ ହୋଇଥିଲେ । କିନ୍ତୁ ଜନସଂଘର ପ୍ରାର୍ଥୀ ନିର୍ବାଚନକୁ ନେଇ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରିଥିଲେ । ଜନସଂଘ ପ୍ରାର୍ଥୀ ଦିଲ୍ଲୀ ହାଇକୋର୍ଟରେ କରିଥିବା ମାମଲାରେ ଦର୍ଶାଇଥିଲେ ଯେ କଂଗ୍ରେସ ପ୍ରାର୍ଥୀ ଧାର୍ଯ୍ୟ ସୀମା ଠାରୁ ଅଧିକ ଅର୍ଥ ଖର୍ଚ୍ଚ କରିଥିଲେ । ଜନସଂଘର ପ୍ରାର୍ଥୀଙ୍କ ମାମଲାକୁ ବିଚାରକରି ଦିଲ୍ଲୀ ହାଇକୋର୍ଟ ସେଇ ନିର୍ବାଚନ ଅବୈଧ ବୋଲି ରାୟ ଦେଇଥିଲେ । ଏହାପରେ ଶ୍ରୀମତି ଗାନ୍ଧୀ ନିର୍ବାଚନ ଆଇନ୍ ଜନପ୍ରତିନିଧିତ୍ୱ ଅଧିନିୟମ ୧୯୫୧ରେ ଏକ ସଂଶୋଧନ ପ୍ରସ୍ତାବ ସଂସଦରେ ଗୃହୀତ କରାଇ ନେଇଥିଲେ । ଏହି ସଂଶୋଧନ ପ୍ରସ୍ତାବ ଅନୁସାରେ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ତାଙ୍କ ରାଜନୈତିକ ଦଳଦ୍ୱାରା କରାଯାଇଥିବା ବ୍ୟୟ ଯେତେ ବି ହେଉନା କାହିଁକି ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯିବ ନାହିଁ । ସଂଶୋଧନରେ ଏକଥା ବି ପ୍ରାବଧାନ ରଖାଗଲା ଯେ ପ୍ରାର୍ଥୀର କୌଣସି ବନ୍ଧୁ ବା ହିତୈଶୀ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନରେ ଯେତେ ବି ଖର୍ଚ୍ଚ କଲେ ମଧ ତାକୁ ବି ନର୍ବାଚନୀ ଖର୍ଚ୍ଚରେ ସାମିଲ କରାଯିବ ନାହିଁ । ଏହି ସଂଶୋଧନ ପରେ ନିର୍ବାଚନ କମିଶନଙ୍କ ଦ୍ୱାରା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଯେଉଁ ଖର୍ଚ୍ଚର ସୀମା ଧାର୍ଯ୍ୟ କରାଯାଇଥିଲା ତାର କିଛି ମୂଲ୍ୟ ରହିଲା ନାହିଁ । ଏଣୁ ନିର୍ବାଚନୀ ଖର୍ଚ୍ଚ ବଢ଼ିବାରେ ଲାଗିଲା ଓ ନିର୍ବାଚନରେ ଧନର ପ୍ରଭାବ ବଢ଼ିଲା ।

ଜୟପ୍ରକାଶ ଏହି ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ବଦଳାଇବାକୁ ଚାହୁଁଥିଲେ । ଏଣୁ ଆନ୍ଦୋଳନ ବେଳେ ମୁମ୍ବାଇ ହାଇକୋର୍ଟର ଅବସର ପ୍ରାପ୍ତ ବିଚାରପତି ବିଏମ୍ ତାରକୁଣ୍ଡେଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଥିଲେ । ତାରକୁଣ୍ଡେ କମିଟି ନିର୍ବାଚନ ପ୍ରସଙ୍ଗରେ ତର୍ଜମା କରି ଜେପିଙ୍କୁ ଏକ ରିପୋର୍ଟ ଦେଇଥିଲେ । ତାରକୁଣ୍ଡେ କମିଟି ରିପୋର୍ଟରେ ନିର୍ବାଚନକୁ ସୁଧାରିବା ପାଇଁ କେତେକ ପରାମର୍ଶ ଦେବା ସହ ସରକାରଙ୍କ ଦ୍ୱାରା ଏକ ନିର୍ବାଚନ ପାଣ୍ଠି ସ୍ଥାପିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜେପିଙ୍କ ଅନ୍ୟ ସହଯୋଗୀ ମାନେ ମଧ ବିଚାରପତି ତାରକୁଣ୍ଡେଙ୍କ ରିପୋର୍ଟର ଗୁରୁତ୍ୱ ରହିଛି ବୋଲି କହିଥିଲେ । ୧୯୭୭ର ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଉତ୍ତର ଭାରତ ଓ ପଶ୍ଚିମ ଭାରତରେ ବିପର୍ଯ୍ୟୟର ସାମନା କରିଥିଲା ଓ ନବଗଠିତ ବିରୋଧି ମେଣ୍ଟ ଦ୍ୱାରା ଗଠିତ ଜନତା ପାର୍ଟିକୁ ଲୋକସଭାରେ ୨୯୮ ଆସନ ମିଳିଥିଲା । ଇନ୍ଦିରାଙ୍କ କଂଗ୍ରେସ ଦଳକୁ ୧୫୩ଟି ଆସନ ମିଳିଥିଲା । ଜନତା ଦଳ ପକ୍ଷରୁ ମୋରାରଜୀ ଦେଖାଇ ପ୍ରଧନମନ୍ତ୍ରୀ ହୋଇଥିଲେ ଯିଏ ମୂଳତଃ କଂଗ୍ରେସୀ ଥିଲେ । ମୋରାରଜୀ ପ୍ରଧାନମନ୍ତ୍ରୀ ହେବାପରେ ବିଚାରପତି ତାରକୁଣ୍ଡେ ଦେଇଥିବା ନିର୍ବାଚନ ସମ୍ପର୍କୀତ ପରାମର୍ଶକୁ ଗ୍ରହଣ କରିନଥିଲେ ଓ ନିର୍ବାଚନ ବ୍ୟବସ୍ଥାର ସୁଧାର ପାଇଁ ଏକ କମିଶନ ଗଠନ କରିଥିଲେ । ଏହି କମିଶନର ମୁଖ୍ୟ ଥିଲେ ପୁର୍ବତନ ନିର୍ବାଚନ କମିଶନର ଏସ୍.ଏଲ୍. ଶକଧର । ଶକଧର ତାଙ୍କ ରିପୋର୍ଟ ଦେବା ବେଳକୁ ଜନତା ସରକାର ଭାଙ୍ଗି ଯାଇଥିଲା ଓ କିଛି ଦିନ ପାଇଁ ଚୈଧୁରୀ ଚରଣ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ । କିନ୍ତୁ ତାଙ୍କ ସରକାର ବେଶିଦିନ ତିଷ୍ଠି ପାରିନଥିଲା । ୧୯୮୦ରେ ପୁନଃ ନିର୍ବାଚନ ହୋଇଥିଲା ଓ ଇନ୍ଦିର ସ୍ୱଷ୍ଟ ବହୁମତ ସହ ଶାସନକୁ ଆସିଥିଲେ । କଂଗ୍ରେସ ସରକାର ନିର୍ବାଚନ ବ୍ୟବସ୍ଥାର ସୁଧାର ପାଇଁ ଗୋସ୍ୱାମୀ କମିଟି ସମେତ କେତେକ କମିଟି ଗଠନ କରିଥିଲେ ଓ କମିଟିର କେତେକ ଶୁପାରିଶଙ୍କୁ କାର୍ଯ୍ୟକାରୀ କରିଥିଲେ । କିନ୍ତୁ କେହି ଇନ୍ଦିରାଙ୍କ ଦ୍ୱାରା ଜନ ପ୍ରତିନିଧିତ୍ୱ ଅଧିନିୟମରେ କରାଯାଇଥିବା ସଂଶୋଧନକୁ ରଦ୍ଦ କରିବା ପାଇଁ ପରାମର୍ଶ ଦେଇନଥିଲେ । ଏହି କାରଣରୁ ନିର୍ବାଚନ ତନ୍ତ୍ର ଧନତନ୍ତ୍ରରେ ପରିଣତ ହୋଇଗଲା । ଅସଲ କଥା ହେଉଛି ଦେଶର ନିର୍ବାଚନରେ ସାଧାରଣ ଲୋକେ ବା ଗରୀବ ଲୋକେ କେମିତି ଭାଗ ନେଇପାରିବେ ସେ ବାବଦରେ କୌଣସି ରାଜନୈତିକ ଦଳ ଗୁରୁତ୍ୱ ଦେଉନାହିଁ । କିନ୍ତୁ ଏବେ ଏକ ଦେଶ- ଏକ ନିର୍ବାଚନ କଥା କୁହାଯାଉଛି । ୧୯୬୭ ପର୍ଯ୍ୟନ୍ତ ଦେଶରେ ଏକ ସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଉଥିଲା । କିଁ ସେ ସମୟର ରାଜନୈତିକ ପରିସ୍ଥିତି ଓ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ମଧ୍ୟରେ ଅନେକ ତଫାତ ରହିଛି । ଏବେ ଯେଉଁ ଏକଦେଶ – ଏକ ନିର୍ବାଚନ କଥା କୁହାଯାଉଛି ସେଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି । ଏବେ କେନ୍ଦ୍ର ସରକାର ଏଥିପାଇଁ ୩ଟି ସଂଶୋଧନ କରିବା ପାଇଁ ଉଦ୍ୟମ କରୁଛନ୍ତି । ଏପରିକି ସମ୍ବିଧାନରେ ରାଜ୍ୟ ମାନଙ୍କୁ ଯେଉଁ ଅଧିକାର ଦିଆଯାଉଛି ସେଥିରେ ସଂଶେଧନ କରିବାକୁ ପଡିବ । ଭାରତର ସଂଘୀୟ ବ୍ୟବସ୍ଥା ଆମେରିକାର ସଂଘୀୟ ବ୍ୟବସ୍ଥା ଠାରୁ ସଂପୂର୍ଣ୍ଣ ଭିନ୍ନ । ଆମ ସଂବିଧାନରେ ଏକ ମଜଭୁତ କେନ୍ଦ୍ରର ଢ଼ାଞ୍ଚା ଏମିତି ସ୍ଥାପନ କରିଦିଆଯାଇଛି ଯେ ବିଭିନ୍ନ ରାଜ୍ୟର ନିଜସ୍ୱ ସାଂସ୍କୃତିକ ଓ ଭୌଗଳିକ ବିବିଧତା ସତ୍ତ୍ୱେ ନିଜର ବିଶିଷ୍ଟ ଚରିତ୍ର ଭାରତୀୟ ସଂଘ ଭିତରେ ହିଁ ରହି ପାରିବ । ଏହା ବିରୁଦ୍ଧରେ ତର୍କ ଦିଆଯାଇପାରେ କିଁ ଆମେ କେବେ ଭୁଲିଯିବା ଉଚିତ୍ ନୁହେଁ ଯେ ଭାରତୀୟ ସମ୍ବିଧାନର ପ୍ରଥମ ଅନୁଛେଦ ହିଁ ଏକଥା ଉଦ୍‌ଘୋଷିତ କରୁଛି ଯେ ଭାରତ ରାଜ୍ୟ ମାନଙ୍କର ଏକ ସଂଘ ଅଟେ । ସମ୍ବିଧାନରେ ରାଜ୍ୟ ମାନଙ୍କୁ ବିଶିଷ୍ଟ (ସ୍ୱତନ୍ତ୍ର) ଅଧିକାରୀ ମଧ ଦିଆଯାଇଛି ଏବଂ ସମ୍ବିଧାନ କହୁଛି ଯେ କେନ୍ଦ୍ର ସରକାରଙ୍କ ସବୁ ଯୋଜନାକୁ ତୃଣମୂଳ ସ୍ତରରେ ରାଜ୍ୟ ସରକାର ହିଁ ଲାଗୁ କରିବେ । ଏବେ ମୂଳକଥା ନିର୍ବାଚନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଉ । କେମିତି ଗଣତନ୍ତ୍ରକୁ ଧନତନ୍ତ୍ର ହେବାରୁ ରୋକାଯାଇ ପାରିବ । ଏଥିରେ ପ୍ରଥମ ମୂଳ ହେଉଛନ୍ତି ଜନପ୍ରତିନିଧି । ବର୍ତ୍ତମାନର ନିର୍ବାଚନ ପ୍ରଣାଳୀରେ କେବଳ କୌଣସି ଧନାଢ଼୍ୟ ହିଁ ଲୋକଙ୍କ ପ୍ରତିନିଧି ହୋଇପାରିବ । ଏହାକୁ ପରିସ୍ଥିତି ମଧ କୁହାଯାଇପାରେ । କିନ୍ତୁ ଆମେ କେମିତି କହିବା ଯେ ଗଣତନ୍ତ୍ରର ପ୍ରକୃତ ମାଲିକ ହେଉଛନ୍ତି ଜନସାଧାରଣ ବା ଭୋଟରମାନେ ଭୋଟର ମାନେ ତାଙ୍କ ଭୋଟ ବଳରେ କାହାରିକୁ ବି ନିର୍ବାଚନରେ ବିଜୟୀ କରିପାରନ୍ତି । କିନ୍ତୁ ପ୍ରାର୍ଥୀମାନଙ୍କ ମଧ୍ୟରେ ସେମାନଙ୍କ ସାମନାରେ ତ କେବଳ ଧନପତି ମାନେ ରହୁଛନ୍ତି ଓ ସେମାନଙ୍କ ମଧ୍ୟରୁ କାହାରିକୁ ସେମାନଙ୍କୁ ଭୋଟ ଦେବା ପାଇଁ ପଡୁଛି । ଗଣତନ୍ତ୍ର ପାଇଁ ଏହା ହେଉଛି ଏକ ଗମ୍ଭୀର ବିଶୟ । ଏକ ଦେଶ-ଏକ ନିର୍ବାଚନକୁ ନେଇ ଏବେ ବିମର୍ଶ ଚାଲିଛି । ସରକାର ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି ଓ ବିଧେୟକ ଆଗତ ହେଲେ ଏହା ଗୃହୀତ ହେବ । କିନ୍ତୁ ଏହା କେତେଦୂର ପାରଦର୍ଶୀ ହେବ ସେକଥା ସମୟ କହିବ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ ୯୪୩୮୪୮୫୦୯୪*




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି। ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି। ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି। ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି। ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି। ସଂପୃକ୍ତ ସଭାପତି ଭୂବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି। ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି। ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି। ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା। ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ। ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା। ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି। ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି। ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି। ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି। ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ। ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି। ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ। ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ। ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା। ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା। ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ। ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମଲ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ




ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି। ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟ୍‌ରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ। ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ।

# ଡମ୍ପର ମାଲିକଙ୍କ ଧାରଣା: ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି। ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି। ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ। ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି। ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ। ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ। ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ। ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି। ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି। ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି। ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି। କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି। ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି। କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି। ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇଓ୍ୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି। ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ।




# ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ମହିଳା କଂଗ୍ରେସର ବିକ୍ଷୋଭ




ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୨୨ ବର୍ଷଧରି ଶାସନ କରୁଥିବା ବିଜେଡ଼ି ସରକାର ଏବଂ କେନ୍ଦ୍ରରେ ୯ ବର୍ଷଧରି ଶାସନ କରୁଥିବା ବିଜେପି ସରକାର ସାଧାରଣ ଜନତାକୁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଚାଲିଛନ୍ତି। ଗତ ଦୁଇବର୍ଷ ଧରି କରୋନାରେ ଆକ୍ରାନ୍ତ ହୋଇ ସର୍ବସ୍ୱ ହରାଇଥିବା ସାଧାରଣ ଜନତାଙ୍କ ଅଂଟା ସଳଖି ନଥିଲା ବେଳେ ଅତ୍ୟାବଶକୀୟ ସାମଗ୍ରୀର ଦରବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବେଢ଼ି ଉପରେ କରୋଡ଼ା ସଦୃଶ ହୋଇଛି। ୨୦୧୪ ମସିହାରେ କଂଗ୍ରେସ ସରକାର ସମୟରେ ଘରୋଇ ସିଲିଣ୍ଡର ପିଛା ୪୧୪ ଟଙ୍କା ଥିବାବେଳେ ଗତ ୯ ବର୍ଷ ମଧ୍ୟରେ ବର୍ତମାନ ଘରୋଇ ସିଲିଣ୍ଡର ଦର ୧୧ଶହ ଟଙ୍କାରେ ପଂହଚିଲାଣି। ମୋଦି ସରକାର ଗତ ଜୁଲାଇ ୬ ତାରିଖ ଦିନ ଏଲପିଜି ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛଁ। ଏହା ପ୍ରତ୍ୟେକ ଗୃହିଣୀଙ୍କ ହାଣ୍ଡିଶାଳକୁ ଚୋଟ ପ୍ରହାର କହିଲେ ନଚଳେ।

ଗତ ଜୁଲାଇ ୨୦୨୧ ମସିହା ପରଠାରୁ ଏପର୍ଯ୍ୟନ୍ତ ଗୋଟିଏ ବର୍ଷରେ କେନ୍ଦ୍ର ସରକାର ସିଲିଣ୍ଡର ପିଛା ୨୧୮ ଟଙ୍କା ବୃଦ୍ଧି କରିଛନ୍ତି। ଜୁଲାଇ ୨୦୨୧ରେ ୧୪.୨ କେଜି ସିଲିଣ୍ଡରକୁ ୮୩୫ ଟଙ୍କା ଦାମ ଥିବା ବେଳେ ବର୍ତମାନ ତାହା ୧୦୫୩ ଟଙ୍କାକୁ ବୃଦ୍ଧି ହୋଇଅଛି। କଂଗ୍ରେସ ଏହାକୁ ସଂପୂର୍ଣ୍ଣ ବିରୋଧ କରୁଛି ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗିତାଂଜଳି ମହାନ୍ତିଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକଠାରେ ଏକ ବିକ୍ଷୋଭ କରାଯାଇଥିଲା।

ଉଭୟ ସରକାରଙ୍କୁ ସମାଲୋଚନା କରି ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାର୍ଡ ମେମ୍ବରଠାରୁ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ମା' ଓ ଭଉଣୀ କହି ମହିଳା କାର୍ଡ଼ ଖେଳି ନିର୍ବାଚନ ବୈତରଣୀ ପାର ହୁଅନ୍ତି। ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ଆଖିରୁ ଲୁହ ପୋଛିବା ପାଇଁ ଉଜ୍ଜଳା ଯୋଜନା ଘୋଷଣା କରିଥିଲେ। କିନ୍ତୁ କଂଗ୍ରେସର ୪୧୪ ଟଙ୍କା ଏବେ ୧୧୦୦ ଟଙ୍କାରେ ଗ୍ୟାସ ଦର ବୃଦ୍ଧି କରି ମହିଳା ଯଥା ଗୃହିଣୀମାନଙ୍କ ପ୍ରତି ବିଶ୍ୱାସଘାତକତା ଓ ପ୍ରତାରଣା କରିଛନ୍ତି। ମହିଳାମାନେ ଆଗାମୀ ଦିନରେ ନିର୍ବାଚନ ସମୟରେ ଉଚିତ ଜବାବ ଦେବେ ବୋଲି ଶ୍ରୀମତୀ ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ କଟୁ ସମାଲୋଚନା କରି କହିଲେ କେବଳ ଗ୍ୟାସ ନୁହଁ ପେଟ୍ରୋଲ, ଡିଜେଲ ଓ ଖାଦ୍ୟ ସାମଗ୍ରୀ ଅହେତୁକ ଦରଦାମ ବୃଦ୍ଧି ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛଁ। ଏଣୁ ଏ ଉଭୟ ସରକାର ଜନବିରୋଧି ସରକାର ବୋଲି ଶ୍ରୀ ଦାଶ କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ସ୍ୱାଧୀନବାଳା ଦାସ, କୁସୁମ ପ୍ରଧାନ, ଶ୍ରୀୟା ପଣ୍ଡା, ଲକ୍ଷ୍ମିପ୍ରିୟା ଦାସ, ଜୟଶ୍ରୀ ନନ୍ଦ, ସୁବ୍ରତ ମହାପାତ୍ର, ଅଶୋକ ଦାସ, ଆଶିଷ ମଲ୍ଲିକ, ଅକ୍ଷୟ ଦାସ, ମନୋଜ ସାହୁ, ନଳିନୀ ନାୟକ, ବିଶ୍ୱଭୂଷଣ ମହାପାତ୍ର, ଅଖିଳେଶ ଯାଦବ, ସାଗର ପରିଡ଼ା, ଦେବାଶିଷ ଦାସ, ମନୋରନ ବେହେରା, ପରେଶ ପଣ୍ଡା ଓ ପ୍ରବୀଣ ମହାନ୍ତି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ସ୍କାଉଟସ୍ ଏବଂ ଗାଇଡସ୍ ଏସିଆ ପ୍ୟାସିଫିକ୍ (ଫିଲିଫାଇନ) ନିର୍ଦ୍ଦେଶକଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ବିଭିନ୍ନ ପ୍ରକଳ୍ପ (ଚାଇଲ୍ଡ ଏଜୁକେସନ, କ୍ଲିନ୍ ଇଣ୍ଡିଆ, ଫିଟ୍ ଇଣ୍ଡିଆ) ଓଡିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରି ଆସୁଅଛି । ଓଡିଶାର ଏହି କାର୍ଯ୍ୟ ଏସିଆ ପ୍ୟାସିଫିକ୍ ଦ୍ୱାରା ମନୋନୀତ ହୋଇଥିବାରୁ ଏହି କାର୍ଯ୍ୟକୁ ପ୍ରଥମ ଥର ପାଇଁ ସୁଦୁର ଏସିଆ ପ୍ୟାସିଫିକ୍ ରିଜିଅନ, ଫିଲିପାଇନସ୍‌ରୁ ୬ ଜଣିଆ ଉଚ୍ଚ ପଦସ୍ଥ ଅଫିସର ଦୁଇ ଦିନିଆ ପରିଦର୍ଶନ କରିବାକୁ ଆସିଛନ୍ତି । ଏହି ପରିଦର୍ଶକ ଦଳରେ ଆଞ୍ଚଳିକ ନିର୍ଦ୍ଦେଶକ ଜେ.ଆର୍.ସି. ପାଙ୍ଗିଲିନାନ୍, ନିର୍ଦ୍ଦେଶକ ଶିକ୍ଷା ପ୍ରଣାଳୀ ସିଡ୍ କାଷ୍ଟିଲୋ, ପ୍ରକଳ୍ପ ଅଧିକାରୀ ଲାନ୍ସ ପାପା ଇଭରସନ ବନ, ଅଧିକାରୀ ଆର୍ଯ୍ୟ ଫ୍ରାନ୍ସିସ୍କୋ କାମେରୋଷ, ପ୍ରବନ୍ଧକ ବ୍ୟାଟ୍ରେରିଜ୍ କାନେଡିସ୍ ଏବଂ ଏନ୍.ଏସ୍.ଓ କୋଡିନେଟର ତଥା ଅତିରିକ୍ତ ଅନ୍ତର୍ଜାତୀୟ କମିଶନର ମଧୁସୁଦନ ଆଭାଲା ଅଛନ୍ତି ।

ଗତକାଲି ମଧ୍ୟାହ୍ନରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ



ଲାଲ୍‌ଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସ୍କାଉଟିଂର ସଫଳତା ସହିତ ଏହି ପରିଦର୍ଶନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନର ଉଦ୍‌ଯାପନି ସମାରୋହରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ତଥା ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ସମବାୟ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡିଶା ସ୍କାଉଟର କାର୍ଯ୍ୟକ୍ରମ ମାନ ବିଶ୍ୱସ୍ତରରେ ପ୍ରଶଂସିତ ହେଉଥିବାରୁ ଆନନ୍ଦିତ ହୋଇଥିଲେ । ନିର୍ଦ୍ଦେଶକ ଏସିଆ ପ୍ୟାସିଫିକ୍ ରିଜିଅନ ଶ୍ରୀ ପାଙ୍ଗିଲିନାନ ଓଡିଶାକୁ ଭାରତର ସବୁଠାରୁ ଶ୍ରେଷ୍ଠ ରାଜ୍ୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ରାଜ୍ୟ ସଭାପତି ଶ୍ରୀ ନାୟକ ଓଡିଶା ସ୍କାଉଟ ଲାଗି ଗର୍ବାନ୍ୱିତ ଅନୁଭବ କରି ନିଜେ ଜଣେ ସ୍କାଉଟ ବୋଲି ଖୁସିବ୍ୟକ୍ତ କରିଥିଲେ। ଶେଷରେ ସମସ୍ତ ବିଦେଶୀ ଅଫିସରମାନଙ୍କୁ ଓଡିଶା ତରଫରୁ ଉପଢ୍ୱୌକନ ଏବଂ ସ୍ମୃତି ଫଳକ ପ୍ରଦାନ କରି ଧନ୍ୟବାଦ ଦେଇଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଯୋଗଦେଇଥିବା ଉକ୍ତ ପ୍ରତିନିଧି ମଣ୍ଡଳୀ ଏସିଆ ପ୍ୟାସିଫିକ୍ ଅଞ୍ଚଳର ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଯେଉଁସବୁ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି ସେ ସମ୍ବନ୍ଧରେ ଅବଗତ କରାଇଥିଲେ।

# ବ୍ରାହ୍ମଣୀ ଓ କେଳୁଅ ନଦୀରୁ ବେଧଡ଼କ ବାଲି ଲୁଟ୍



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ଓ କେଳୁଅ ନଦୀରୁ ବେଆଇନ ଭାବେ ବେଧଡ଼କ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି । ପ୍ରଶାସନର ନିଷ୍କ୍ରିୟତା ପାଇଁ ମାଫିଆମାନେ ଦିନ ଦ୍ୱିପ୍ରହରରେ ମେସିନ୍ ଲଗାଇ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ହଜାର ହଜାର ଟ୍ରିପ୍ ବାଲି ଉଠାଇ ନେଉଛଁ । ଏଥିପାଇଁ ନଦୀ ତଟବର୍ତୀ ଲୋକେ ବିଭିନ୍ନ ବିପଦର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱହାନୀ ହେଉଛି । ଯେଉଁ କେତେକ ବାଲିଘାଟକୁ ଲିଜ୍ ଦିଆଯାଇଛି ସେଠାରେ ମେସିନ୍ ବ୍ୟବହାର ପାଇଁ କୌଣସି ଅନୁମତି ଦିଆଯାଇନଥିବା ତହସିଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଚୁକ୍ତି ମୁତାବକ କେବଳ ଶ୍ରମିକମାନେ ବାଲି ଉତୋଳନ ଓ ବୋଝେଇ କରିବା କଥା । ହେଲେ ଲିଜ୍‌ଧାରୀ ଗୋଟିଏ ବାଲିଘାଟରେ ଏକାଧିକ ମେସିନ୍ ବ୍ୟବହାର କରି ପ୍ରତ୍ୟହ ଶହ ଶହ ଟ୍ରିପ୍ ବାଲି ପରିବହନ କରୁଛଁ । ସେହିପରି ଲିଜ୍ ଦିଆଯାଇଥିବା ବାଲିଘାଟ ଅଞ୍ଚଳ ବାହାରୁ ଲିଜ୍‌ଧାରୀ ଚୁକ୍ତି ଠାରୁ ବହୁଗୁଣ ବାଲି ଖନନ ଓ ପରିବହନ କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଶାଗମାଛ ଦରରେ ବାଲିଘାଟ ନିଲାମ ନେବାପରେ କୋଟି କୋଟି ଟଙ୍କାର ବାଲି ବ୍ୟବସାୟ କରାଯାଉଛି। ଏହି ବେଆଇନ କାରବାରକୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ବିରୋଧ କରୁଥିଲେ ମଧ୍ୟ ଏଥିରେ ରୋକ୍ ଲଗାଇବା ସମ୍ଭବ ହେଉନାହିଁ । ପ୍ରଶାସନର ଗେହ୍ଲାପୁଅ ପାଲଟିଥିବା ତଥାକଥିତ ବାଲିମାଫିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାହାର ହାତ ଯାଉନାହିଁ। ଫଳରେ ଧର୍ମଶାଳା ତହସିଲ ଅଞ୍ଚଳରେ ବାଲି କାରବାର ଏକ ଲାଭଦାୟକ ବ୍ୟବସାୟରେ ପରିଣତ ହୋଇଛି । ସୂଚନା ଅନୁଯାୟୀ, ବ୍ରାହ୍ମଣୀ ନଦୀର ରାଇଛନ୍ଦା, ବୃନ୍ଦାଦେଈପୁର, ଚଉଷଠିପଡ଼ା ଏବଂ କେଳୁଅ ନଦୀର ଉତରପ୍ରତାପ, ମିର୍ଜାପୁର ସାମିଲ୍ ବାସୁଦେବପୁର, କଦମପାଳ ଆଦି ସ୍ଥାନରେ ବାଲିଘାଟ ନିଲାମ ଦିଆଯାଇଛି । ଏସବୁ ସ୍ଥାନରେ ଶ୍ରମିକମାନଙ୍କ ବଦଳରେ ମେସିନ୍ ବାଲି ଉତୋଳନ କରୁଥିବା ଅଭିଯୋଗ ହୋଇଛି । ସେହିପରି ବ୍ରାହ୍ମଣୀ ନଦୀର ରସୁଲପୁର ତହସିଲ ଅଞ୍ଚଳରୁ ବହୁ ପରିମାଣର ବାଲି ଧର୍ମଶାଳା ଅଞ୍ଚଳକୁ ଚୋରା ଚାଲାଣ କରାଯାଉଛି । କେଳୁଅ ନଦୀର ଅରାବଳ, ମୋହନପୁର, ଅରେଇକଣା, ଭଗବାନପୁର, କାଏମା ଏବଂ ବ୍ରାହ୍ମଣୀ ନଦୀର ଭୁବନ, ରଘୁନାଥପୁର ଶାସନ ଅପରପାର୍ଶ୍ୱ ଘାଟ ଆଦି ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି । ବର୍ଷାଜଳ ପ୍ରବାହିତ ହେବା ପୂର୍ବରୁ ଏବେ ବିଭିନ୍ନ ନଦୀ ନାଳରୁ ବିପୁଳ ବାଲି ଉତୋଳନ କରାଯାଇ ଗଛିତ ରଖାଯାଉଛି । ପରେ ଏହାକୁ ଚଢ଼ା ଦରରେ ବିକ୍ରି କରି ବେଶ୍ ମୁନାଫା ହାତେଇବ ମାଫିଆ । ଏ ସଂପର୍କରେ ବାରମ୍ବାର ଅଭିଯୋଗ ହେଲେ ତହସିଲ ପକ୍ଷରୁ କେତେ ବେଳେ କେମିତି ଚଢ଼ଉ କରାଯାଇ କେତେକ ଗାଡି ଜବତ କରାଯିବା ସହିତ କିଛି ଟଙ୍କା ଜରିମାନା ଆଦାୟ କରି ଛାଡି ଦିଆଯାଉଛି । ହେଲେ ବେଆଇନ ବାଲିଘାଟ ଚଲାଉଥିବା ମାଫିଆ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଦିନ କେଇଟା ପରେ ପୁଣି ସେଠାରେ ପୂର୍ବଭଳି ବାଲି ଚୋରା ଚାଲାଣ ଆରମ୍ଭ ହୋଇଯାଉଛି। ବାଲି ଚୋରା କାରବାର ରୋକିବା ଦିଗରେ ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ପିଲାଙ୍କ ପାଇଁ ସଞ୍ଚୟ ଅଭ୍ୟାସ



ଡକ୍ଟର ସୁରେଶ କୁମାର ନାୟକ

ମା' ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କ ମହାପାର୍ବଣର ଆମ୍ଭେମାନେ ସାମିଲ ହୋଇସାରିଲୁଣି। ବିଶେଷକରି ଏବେ ନବରାତ୍ରୀ ଚାଲିଥିବାରୁ କେତେକ ପିତାମାତା ଛୋଟ ଛୋଟ ପିଲାମାନଙ୍କ ବିଦ୍ୟାରମ୍ଭ କରିଥାନ୍ତି। ତେବେ ନବରାତ୍ରୀ ପରି ଏକ ପବିତ୍ର ଆଧ୍ୟାତ୍ମିକ ସ୍ମରଣୀୟ ବଡ଼ ପାର୍ବଣରେ ପିଲାମାନଙ୍କୁ ସଞ୍ଚୟ କରିବା ଅଭ୍ୟାସକୁ କେବଳ ଶିକ୍ଷା ନୁହେଁ ଏକ ପ୍ରକାର ଜୀବନର ବ୍ରତ ଭାବେ ଦିଗଦର୍ଶନ ଦିଅନ୍ତୁ। ନିଜ ସନ୍ତାନର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏ କଥା କେଉଁ ବାପା-ମା' ନ ଚାହାନ୍ତି ? ସେଥିପାଇଁ ତ ପିଲାବେଳୁ ତା'ର ଭବିଷ୍ୟତକୁ ନେଇ ଅନେକ ଅଙ୍କକଷା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଭବିଷ୍ୟତ ଜୀବନରେ ପିଲାଟି କିପରି ସୁଖଶାନ୍ତିରେ ରହିବ ସେଥିପାଇଁ ଆମେ ତାକୁ ଯେଉଁସବୁ ବିଶେଷ ଗୁଣ ଉପରେ ଶିକ୍ଷା ଦେଉ ସେଥିମଧ୍ୟରେ ସଞ୍ଚୟ କରିବା ଗୁଣକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ନିହାତି ଜରୁରୀ ଅଟେ । ଆଜିକାଲି ପିଲାମାନଙ୍କୁ ପକେଟ ଖର୍ଚ୍ଚ ଦେବା ବାପା-ମା'ଙ୍କର ଏକ ଆଭିଜାତ୍ୟର ପ୍ରତୀକଭାବେ ଗଣା ହେଉଛି । ଅନେକ ସମୟରେ ଦେଖାଯାଏ ପିଲାମାନେ ପାନଦୋକାନରୁ ଗୁଟ୍‌ଖା, ସିଗାରେଟ କିଣୁଛନ୍ତି । ପିଲାଙ୍କୁ ଖର୍ଚ୍ଚ କରିବା ପାଇଁ ପଇସା ଦେବା ଯେତିକି ଜରୁରୀ ବୋଲି ଭାବୁଛନ୍ତି, ପିଲାଟି କେଉଁ ବାଟରେ ସେ ପଇସାକୁ ଖର୍ଚ୍ଚ କରୁଛି ସେଥିପ୍ରତି ନଜର ଦେବା ତା'ଠୁ ଅଧିକ ଜରୁରୀ ବୋଲି ମନେ କରନ୍ତୁ । ପିଲାଟିର ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିବା ପାଇଁ ପଇସା ଦିଅନ୍ତୁ । ଅଧିକ ପଇସା ଦେଲେ ଅଯଥା ଖର୍ଚ୍ଚ କରିବାର ସମ୍ଭାବନା ବେଶି ଥାଏ । ଅନେକ ସମୟରେ ସାଙ୍ଗସାଥୀମାନଙ୍କ ଗହଣରେ ପିଲାମାନେ ଅଧିକ ପଇସା ଖର୍ଚ୍ଚ କରିଥାନ୍ତି । ତେଣୁ ସେ କେଉଁ ସ୍ୱଭାବର ପିଲାମାନଙ୍କ ସହିତ ମିଳାମିଶା କରୁଛି ସେଥିପ୍ରତି ନଜର ଦିଅନ୍ତୁ । ଅଯଥା ଖେଳ ସାରଞ୍ଜାମ କିଣିବାରେ ପିଲାମାନେ ପଇସା ଖର୍ଚ୍ଚ କରିଥାନ୍ତି । ଆଜିକାଲି ଇଣ୍ଟରନେଟ୍ କାଫେଗୁଡ଼ିକରେ ପିଲାମାନେ ଘଣ୍ଟା ଘଣ୍ଟା ଧରି ଗେମ୍ ଖେଳି ପଇସା ଖର୍ଚ୍ଚ କରୁଛନ୍ତି । ମୋବାଇଲରେ କଥାହେବା ଏବେ ଏକ ଫ୍ୟାଶନଭାବେ ଗଣା ହେଉଛି । ତେଣୁ ଦାମିକା ମୋବାଇଲ ସେଟ୍ କିଣିବା, ଗୀତ ଡାଉନ୍‌ଲୋଡ଼ କରିବା, ସାଙ୍ଗମାନଙ୍କ ସହିତ କଥା ହେବାରେ ମଧ୍ୟ ପିଲାମାନେ ଅଧିକ ପଇସା ଖର୍ଚ୍ଚ କରୁଛନ୍ତି । ସପିଂ ସେଣ୍ଟର, ଫାଷ୍ଟଫୁଡ଼, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ଟିଫିନ୍ ଷ୍ଟଲମାନଙ୍କରେ ଛାତ୍ରୀଛାତ୍ରମାନଙ୍କର ଭିଡ଼ ଜମିବା ଆଜିକାଲି ଏକ ସାଧାରଣ କଥା । ପଇସା ଖର୍ଚ୍ଚକରି ବାହାରେ ବିଭିନ୍ନ ପ୍ରକାର ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଅନେକ ରୋଗର ମଧ୍ୟ ଶିକାର ହେଉଛନ୍ତି । ବରଂ ପିଲାମାନେ କିପରି ଘରୋଇ ପ୍ରସ୍ତୁତ ସୁଷମ ଖାଦ୍ୟ ଖାଇବେ ସେ ଦିଗ ପ୍ରତି ଗୁରୁତ୍ୱ ଦେବା ଉଚିତ। ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ପିଲାମାନଙ୍କୁ ସଞ୍ଚୟ ବିଷୟରେ ଅବଗତ କରାଇବା ନିହାତି ଜରୁରୀ । ମାଟିଘଡ଼ି ବା କୁମ୍ଭିରେ ପଇସା ପକେଇବା ଠାରୁ ଆରମ୍ଭ କରି ବ୍ୟାଙ୍କରେ ଆକାଉଣ୍ଟ ଖୋଲି ପଇସା ସଞ୍ଚୟ କରିବାର ବିଭିନ୍ନ ଉପାୟ ଉପଲବ୍ଧ ହେଲାଣି । ଆମ ପିଲା ଦିନ ସମୟରେ କେବଳ ଘରେ ନୁହେଁ ବିଦ୍ୟାଳୟରେ ମଧ୍ୟ ଏହି ମାଟି କୁମ୍ଭିରେ ପଇସା ସଞ୍ଚୟର ଅଭ୍ୟାସ ଶିକ୍ଷା ଦିଆଯାଉଥିଲା। ଘରକୁ ଅତିଥି, କୁଣିଆ କେହି ଆସୁଥିଲେ ଛୋଟ ପିଲାମାନଙ୍କୁ ଯିବା ସମୟରେ ହାତରେ କିଛି ପଇସା ଦେଇଥାନ୍ତି। ବିଦ୍ୟାଳୟ ସ୍ତରରେ ଅଧିକ ସଞ୍ଚୟ କରିଥିବା ପିଲାକୁ ପୁରସ୍କାର ସ୍ୱରୂପ ସେ ସମୟରେ ବହୁତ ବାଃ ହାଃ ବାଃ ହା ବା ପ୍ରଶଂସା ମିଳୁଥିଲା। ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପିଲାମାନଙ୍କ ସଞ୍ଚୟ କରିବା ଇଚ୍ଛାକୁ ଉତ୍ସାହିତ କରିବା ଲାଗି ଦଶବର୍ଷ ବୟସରୁ ଉର୍ଦ୍ଧ୍ୱ ପିଲାମାନଙ୍କ ପାଇଁ ଜିରୋ ଆକାଉଣ୍ଟ ଯୋଜନା ପ୍ରଣୟନ କରୁଛନ୍ତି । ଏହା ସହିତ ସେମାନଙ୍କୁ ଏଟିଏମ୍ କାର୍ଡ଼ ମଧ୍ୟ ଯୋଗାଇବା ପାଇଁ ଚେଷ୍ଟା କରାଯାଉଛି । ବ୍ୟାଙ୍କରେ ବାପା, ମା' ପିଲା ମିଶି ଏକ ଜଏଣ୍ଟ ଆକାଉଣ୍ଟ ଖୋଲିପାରନ୍ତି । ଯାହାଫଳରେ ଆପଣ ପିଲାଙ୍କୁ ଦେଉଥିବା ଅର୍ଥକୁ ସେ ଆବଶ୍ୟକ ପରିମାଣର ଖର୍ଚ୍ଚକରି ବଳକା ପରିମାଣକୁ ଜମାରଖି ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ଉତ୍ସବରେ ସେମାନଙ୍କୁ ଉପହାର କିମ୍ବା ନଗଦଟଙ୍କା ନଦେଇ ସେହି ପଇସାରେ ଯଦି ଇନ୍‌ସ୍ୟୁରାନ୍ସର ଏକ ପଲିସି ଉପାହାର ଦେଇପାରିବେ ତେବେ ତାହା ଭବିଷ୍ୟତରେ କାମରେ ଆସିବ। ପିଲାଙ୍କୁ ସଞ୍ଚୟ ସହିତ ଏହି ସଞ୍ଚୟଲବ୍ଧ ଅର୍ଥରାଶିରୁ କିଛି ସେବା କାର୍ଯ୍ୟକ୍ରମରେ ବିନିଯୋଗ ପାଇଁ ଅଭ୍ୟାସ ମଧ୍ୟ ଶିକ୍ଷା ଦେବା ଜରୁରୀ। ପିଲାମାନେ ସେମାନଙ୍କ ଆଖପାଖ ପରିବେଶରେ ସାମାଜିକ ପରିବେଶ ହେଉ ବା ବିଦ୍ୟାଳୟ କୌଣସି କ୍ଷେତ୍ରରେ ମଧ୍ୟ ଆର୍ଥିକ ଅନାଟନ ସହିତ ରହିଥିବା ତାଙ୍କ ସାଙ୍ଗ ସାଥିଙ୍କୁ ନିଜ ସଞ୍ଚୟରୁ କିଛି ସାହାଯ୍ୟ କରିବା ଏକ ସୁନ୍ଦର ଅଭ୍ୟାସ। ଏହି ମହତ୍ କାର୍ଯ୍ୟ ଦ୍ୱାରା ପିଲାମାନେ ସେମାନଙ୍କ ଜୀବନର ପ୍ରାରମ୍ଭ ସମୟରୁ ସମାଜ ସେବା ପାଇଁ ଏକ ଉନ୍ନତ ସେବା ମୂଳକ ଦିଗ ପାଇଁ ଶିକ୍ଷା ମଧ୍ୟ ପାଇପାରିବେ।

ଆମ ଦେଶ ମାତୃକାର ସେବା ପାଇଁ ଗୋରା ଇଂରେଜ ମାନଙ୍କୁ ଆମ ଦେଶରୁ ବିତାଡ଼ିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ସେ ସମୟରେ ବିଦ୍ୟାଳୟ ସ୍ତରରେ ପିଲାମାନେ ସଞ୍ଚୟ କରି ପରବର୍ତ୍ତୀ ସମୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସଂଚାଳିତ ସଂଗ୍ରାମୀ ପାଣ୍ଠି ପାଇଁ ସହଯୋଗ ରାଶି ପ୍ରଦାନ କରୁଥିଲେ। ଆଜିର ସମୟରେ ଭାରତର ଅନେକ ସ୍ଥାନରେ ଛୋଟ ପିଲାମାନଙ୍କର ଛୋଟିଆ ଛୋଟିଆ ସଞ୍ଚୟ ରାଶି କିପରି ସ୍ଥାନୀୟ ଅଞ୍ଚଳର ଗୋଟିଏ ଗୋଟିଏ ସେବାମୂଳକ କାର୍ଯ୍ୟକ୍ରମ ପାଇଁ ମୂଳପୁଞ୍ଜି ହୋଇପାରୁଛି ସେ ଖବର ଅନେକ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ସଞ୍ଚୟ ପାଇଁ ସର୍ବନିମ୍ନତା ବା ସର୍ବୋଚ୍ଚସୀମା ସେପରି କିଛି ନାହିଁ। ଆଧ୍ୟାତ୍ମିକ ଭାବନାର ପରିଭାଷାରେ ଏହାକୁ କାମନାର ସୀମାଙ୍କନ ମଧ୍ୟ କୁହାଯାଏ। ଜଣେ ଯେ କେବଳ ଅର୍ଥ ସଞ୍ଚୟ କରିବ ସେପରି କିଛି ମାନେ ନାହିଁ। ଅନାବଶ୍ୟକ ପିନ୍ଧିବା ଠାରୁ ଖାଦ୍ୟ ପେୟ, ଖର୍ଚ୍ଚପତ୍ର ଠାରୁ ନିଜ ବ୍ୟକ୍ତିଗତ ଜୀବନରେ ସେ ଅନେକ କିଛି ସଞ୍ଚୟ କରିପାରିବେ। ତେବେ ଆଉ ଏକ ବଡ଼କଥାଟି ହେଉଛି ସଞ୍ଚୟ କରିବା ଗୁଣ ପିଲାମାନଙ୍କୁ ଉଚିତ ସମୟରେ ଶିକ୍ଷା ନ ଦେଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବ । ସେଥିପାଇଁ ମୂଳରୁ ସତର୍କ ରହିବା ଜରୁରୀ । ପିଲାମାନଙ୍କର ସଞ୍ଚିତ ଅର୍ଥ ସେମାନଙ୍କର ଅଭାବ ସମୟରେ କାମରେ ଆସିବା ସହିତ ଭବିଷ୍ୟତରେ ତାକୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରିବାରେ ମଧ୍ୟ ସାହାଯ୍ୟ କରିପାରିବ । ସଞ୍ଚୟ ଅଭ୍ୟାସ ନିଜେ ଗ୍ରହଣ କରିବା ସହିତ ସମସ୍ତଙ୍କ ଭିତରେ ଏହି ଅଭ୍ୟାସ ଏକ ଜୀବନ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ, କଟକ,*
*ମୋ :୯୪୩୭୨୨୫୫୯୨*




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା କ୍ଷେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୂପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ସୋସିଆଲ ମିଡ଼ିଆରେ ସଠିକ ତଥ୍ୟକୁ ପୋଷ୍ଟ କରନ୍ତୁ

ଦଶହରାର ମାହୋଲ ଏବେ ସବୁଠି ଉଷ୍ମତା ଭରି ଦେଲାଣି । ଆଗକୁ ଦୀପାବଳୀ ପରେ ପରେ ଅନେକ ଛୋଟ ବଡ଼ ପର୍ବପର୍ବାଣୀ ସହ ବର୍ଷ ଶେଷ ଓ ନୂଆବର୍ଷ ରହିଛି । ସେହିପରି ବିଭିନ୍ନ ସ୍ୱତନ୍ତ୍ର ଦିବସ ଓ ସାମ୍ପ୍ରତିକ ଘଟଣାବଳୀ ତଥା ପ୍ରତିଦିନ ଆଖପାଖ ଦୁନିଆରେ ଘଟୁଥିବା ଖବରକୁ ନେଇ ସମସ୍ତଙ୍କ ଭିତରେ ଏବେ ଅନେକ ଉତ୍ସୁକତା ବଢ଼ିଲାଣି । ଏହାର ବଡ଼ ପ୍ରତିଫଳନ ଦେଖିବାକୁ ମିଳୁଛି ପ୍ରାୟତଃ ସମସ୍ତଙ୍କ ହାତପାହାନ୍ତାରେ ରହିଥିବା ଅତ୍ୟାଧୁନିକ ମୋବାଇଲ ଫୋନରେ । ମୋବାଇଲ ଫୋନ ଅନେକଙ୍କୁ ନିଜ ହାତ ମୁଠାରେ ସମଗ୍ର ଦୁନିଆ ତମାମର ଖବର ଜଣାଇବାକୁ ରହିଛି । ସେହିପରି ସୋସିଆଲ ମିଡ଼ିଆ ଦୈନନ୍ଦିନ ଜୀବନଶୈଳୀର ଏକ ଅଙ୍ଗ ପାଲଟିଗଲାଣି । ଏଥିରେ ଅନେକ ପ୍ରସଙ୍ଗ ଉପରେ ମେସେଜ ଆସିଥାଏ । ଗୁଜବ କିମ୍ବା ବାସ୍ତବତା ଯାଞ୍ଚ ନକରି ଆମେ କିଛି ପୋଷ୍ଟ, ଟ୍ୱିଟ, ବାର୍ତ୍ତା, ଫଟୋ ଏବଂ ଭିଡ଼ିଓ ପୋଷ୍ଟ କରୁଛୁ ଯାହା ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚୁଛି । ତେବେ ଏହି ମିଛ ପୋଷ୍ଟ ଗୁଡ଼ିକ ଯେ କେତେ ଭୟାନକ ନିକଟରେ ମହାରାଷ୍ଟ୍ରରେ ଏକ ଛାତିଥରା ଘଟଣାରୁ ଜାଣିବାକୁ ମିଳିଛି । ଖବର ମୁତାବକ ଔରଙ୍ଗାବାଦ ଅଞ୍ଚଳର ଜଣେ ନବ ବିବାହିତ ଯୁବକ ବିଦେଶରେ କାର୍ଯ୍ୟରତ । ସୋସିଆଲ ମିଡ଼ିଆରେ କେହି ଫେକ୍ କରି ତାଙ୍କ ଧର୍ମପତ୍ନୀଙ୍କ ସହ ତାଙ୍କ ତଥାକଥିତ ପ୍ରଥମ ପ୍ରେମିକକୁ ଯୋଡ଼ି କେହି ଜଣେ ଫଟୋ ଭାଇରାଲ କରିଦେଲେ । ଅତ୍ୟନ୍ତ ଭଲ ପାଉଥିବା ପତ୍ନୀଙ୍କ ଏପରି ଫଟୋ ଦେଖି ବିଶ୍ୱାସ କରିପାରିଲେ ନାହିଁ କିନ୍ତୁ ମନ ଦୁଃଖ କରି ଘରକୁ ଫେରିଆସିଲେ । ଘରକୁ ଫେରିବା ଦିନ ସଂଯୋଗକୁ ତାଙ୍କ ପତ୍ନୀ



ଯୁଧିଷ୍ଠିର ମହାରଣା

ଘର ଦୁଆର ମୁହଁରେ ଜଣେ ଅଜଣା ଯୁବକ ସହ କଥା ହେଉଥିବାର ସେ ଦୂରରୁ ଦେଖିପାରିଲେ । ପତ୍ନୀଙ୍କୁ ସାକ୍ଷାତ ନକରି, ଘରକୁ ନଯାଇ ନିଜ ମୋବାଇଲ ଫୋନ ସେଇଠି ଖୋଲି ଏହାର ରେକର୍ଡ଼ିଂ ତ ରଖିଲେ କିନ୍ତୁ ଭାଇରାଲ ହୋଇଥିବା ଫଟୋ ଗୁଡ଼ିକୁ ସେ ପୁନର୍ବାର ଦେଖି ତତ୍କାଳ ମ୍ରିୟମାଣ ହୋଇପଡ଼ିଲେ । ଅତ୍ୟନ୍ତ ଦୁଃଖିତ ହୋଇପଡ଼ି ଜଣେ ପଡ଼ୋଶୀଙ୍କ ବାରିପଟ ଗଛରେ ସେ ଆତ୍ମହତ୍ୟା କରିଦେଲେ । ପୋଲିସ ଖୋଳତାଡ଼ କରି ଯାହା ଜାଣିଲା ସେ ଦିନର ସେ ଯୁବକଟି ଥିଲେ ଜଣେ ଡେଲିଭରି ବୟ ଏବଂ ପୋଲିସ ଏହା ମଧ୍ୟ ଜାଣିଲା ଯେ ତାଙ୍କ ଧର୍ମପତ୍ନୀଙ୍କର କୌଣସି ପ୍ରେମିକ ହିଁ ନଥିଲେ । କେହି ଜଣେ ବଦମାସୀ କରି ଫେକ୍ ଫଟୋ ଏଡିଟିଂ କରି ଏହି ଘଟଣା ଘଟାଇଛି । ଏକ ମିଛ ବଦମାସୀର ବିଭ୍ରାନ୍ତିକର ଫଟୋ କିପରି ଅକାରଣରେ ଜଣଙ୍କର ଜୀବନ ନେଇଗଲା, ଏହା ଭାତ ହାଣ୍ଡିରୁ ଗୋଟିଏ । ଔରଙ୍ଗାବାଦର ଏହି ଘଟଣା ଆଦୌ ନୂଆ ନୁହେଁ ଏପରି ଅନେକ ଘଟଣା ଘଟୁଛି ପରବର୍ତ୍ତୀ ସମୟରେ ସତ ପ୍ରମାଣିତ ହେଲା ବେଳକୁ ନେଡୀଗୁଡ଼ କହୁଣୀକୁ ବୋହିଗଲା ପରି ସେହି ସମୟ ଭିତରେ ଅନେକ ଗୁଡ଼ିଏ କ୍ଷତି ହୋଇଯାଉଛି । ଯାହାର ଭରଣା ହେବା ଏକ ପ୍ରକାର ଅସମ୍ଭବ ।

ଶେୟାର ପୂର୍ବରୁ ଚେକ କରନ୍ତୁ : ବର୍ତ୍ତମାନ ଅନେକ ଫେକ ମେସେଜ ସୋସିଆଲ ସାଇଟରେ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଏଭଳି ମେସେଜ ଏକ ସଙ୍ଗେ ଏକାଧିକ ଗ୍ରୁପରେ ପଠାଯିବା ଦ୍ୱାରା ସମାଜରେ ଭୁଲ ଖବର ପ୍ରଚାରିତ ହେଉଛି । ତେଣୁ ଏଭଳି କୌଣସି ମେସେଜ ବିଶେଷକରି ସମାଜରେ ଚାଲିଥିବା କିଛି ସମ୍ବେଦନଶୀଳ ଘଟଣାକୁ ନେଇ ମେସେଜ ଆସିଲେ ଏହାକୁ ତୁରନ୍ତ ଫରଓ୍ୱାର୍ଡ଼ ନକରି ପ୍ରଥମେ ତାହା ଠିକ କି ନୁହେଁ ଜାଣିବା ପରେ ଫରଓ୍ୱାର୍ଡ଼ କରନ୍ତୁ । କାରଣ ଏଥିପାଇଁ ମେଜେସ ପଠାଇବା ଭଳି ସାଇବର କ୍ରାଇମ ଲାଗି ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।

ପ୍ରଥମେ ଯାଞ୍ଚ କରିବା ଦରକାର : ବର୍ତ୍ତମାନ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ, ସେଲିବ୍ରେଟିମାନଙ୍କ ପର୍ସନାଲ ଲାଇଫକୁ ନେଇ ହେଉ ଅବା ଅନ୍ୟାନ୍ୟ ଘଟଣାକୁ ନେଇ ଅନେକ ଫେକ ଖବର ପ୍ରଚାର ହେଉଛି । କିଛି ସଂସ୍ଥା ନିଜର ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ଏପରି କରୁଛନ୍ତି । ତେଣୁ ଏଭଳି କୌଣସି ଖବର ପାଇଲେ ତାହା କେଉଁ ସ୍ରୋତରୁ ଆସିଛି ପ୍ରଥମେ ଦେଖନ୍ତୁ । ଯଦି ତାହା ଜଣାଶୁଣା ଖବର ସଂସ୍ଥାର ନ୍ୟୁଜ ହୋଇଥାଏ ତେବେ ଫରଓ୍ୱାର୍ଡ଼ କରନ୍ତୁ, ନଚେତ ଏହା ଫେକ ହୋଇପାରେ ।

ଯଦିଓ ଆମେ ସୋସିଆଲ ମିଡ଼ିଆକୁ ମନୋରଞ୍ଜନ ଭାବରେ ବ୍ୟବହାର କରୁଛୁ, ତଥାପି ଏଥିରେ ଯେପରି କୌଣସି ଭୁଲ ତଥ୍ୟ ପ୍ରଚାର ନ ହେଉ ସେଥିପାଇଁ ଯତ୍ନଶୀଳ ରହିବା ଆବଶ୍ୟକ । ତା'ଛଡ଼ା ନିଜେ ମଧ୍ୟ ଠିକ କଥା ଜାଣିବା ଦରକାର, ନଚେତ ମିଥ୍ୟା ଖବର ବାଣ୍ଟିବା ଲାଗି ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଇପାରେ । ତେଣୁ ସୋସିଆଲ ମିଡ଼ିଆରେ କିଛି ପୋଷ୍ଟ ଅଥବା ଫରଓ୍ୱାର୍ଡ଼ ପୂର୍ବରୁ ସଚେତନତା ଜରୁରୀ । ଏ କ୍ଷେତ୍ରରେ ଭଲ ଭାବେ ମନେରଖନ୍ତୁ ଆପଣ ଜଣେ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକ । ଆପଣଙ୍କର ସାମାନ୍ୟତମ ଭୁଲ ବା ଅଜ୍ଞତା ସମାଜ ପାଇଁ ଏପରି ଏକ ବିଭ୍ରାନ୍ତକର ଭୁଲ ତଥ୍ୟ ହୋଇପାରେ ଯାହାକି ପରବର୍ତ୍ତୀ ସମୟରେ ଏ ନେଇ ଅନେକ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ । ଅନେକ ଅସାମାଜିକ ତତ୍ତ୍ୱ ଏହାର ଫାଇଦା ଉଠାଇ ସମାଜରେ ଭାଇଚାରା ନଷ୍ଟ କରିବା ସହ ବିଶୃଙ୍ଖଳା ସୃଷ୍ଟି କରନ୍ତି ଯାହା ପାଇଁ ବେଳେ ବେଳେ ଆଇନ ଶୃଙ୍ଖଳା ପରିବେଶ ମଧ୍ୟ ବିଗିଡ଼ି ଯାଏ । କୌଣସି ପରିସ୍ଥିତିରେ ଗୁଜବକୁ ଆଦୌ ଗ୍ରହଣ କରନ୍ତୁ ନାହିଁ କିମ୍ବା ଏହାକୁ ପ୍ରଚାର କରିବା ପାଇଁ ତିଳେମାତ୍ର ଚେଷ୍ଟା ମଧ୍ୟ କରନ୍ତୁ ନାହିଁ । ବରଂ ପ୍ରଶାସନ, ପୋଲିସକୁ ଏ ନେଇ ସୂଚୀତ କରନ୍ତୁ । ଆପଣଙ୍କର ସାମାନ୍ୟତମ ଉଦ୍ୟମ ବା ପରିଶ୍ରମ ଅନେକ ବିପଦକୁ ମଧ୍ୟ ଟାଳି ଦେଇପାରେ । ସରକାରୀ ଭାବେ ଏହିପରି ସୋସିଆଲ ମିଡ଼ିଆରେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଶୃଙ୍ଖଳା ଭଙ୍ଗକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ପୋର୍ଟାଲରେ ସୂଚୀତ କରିବା ପାଇଁ ବ୍ୟବସ୍ଥା ରହିଛି ଏହାର ସୁଯୋଗ ନେବା ବାଞ୍ଛନୀୟ । ବଡ଼କଥା ହେଉଛି ବେଳେ ବେଳେ ଜଣ ଜଣଙ୍କ ଚରିତ୍ର ସଂହାର କରି ଓ ସର୍ବସାଧାରଣରେ ଯେଉଁପରି ଅଶାଳୀନ ମନ୍ତବ୍ୟର ଘୃଣା ବାର୍ତ୍ତା ସବୁ ରହୁଛି ଏହାକୁ ମଧ୍ୟ କମ୍ପ୍ୟୁଟରାଇଜଡ଼ ବ୍ୟବସ୍ଥା ଦ୍ୱାରା ଫେକ୍ କରାଯାଇ ସୋସିଆଲ ମିଡ଼ିଆରେ ଛଡା ଯାଉଛି । ଅନେକ ବିଭ୍ରାନ୍ତିକର, ତଥ୍ୟ ବିହୀନ, ଖାପଛଡ଼ା ଓ କପୋଳ କଳ୍ପିତ ବାର୍ତ୍ତା ସବୁ ସମାଜରେ ଏପରି ଭୟାନକ ପରିସ୍ଥିତି ସୃଷ୍ଟି କରୁଛି ଯେ ତାହା ଅତ୍ୟନ୍ତ ମୁସ୍କିଲ । ସୋସିଆଲ ମିଡ଼ିଆରେ ଏପରି ଘଟଣା ଘଟାଉଥିବା ଲୋକଙ୍କ ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ମଧ୍ୟ ରହିଛି । ତେବେ ଏ କ୍ଷେତ୍ରରେ ପୋଲିସକୁ ତଥ୍ୟ ସମ୍ବଳିତ ସବିଶେଷ ସବୁକିଛିକୁ ଯୋଗାଡ଼ କରିବା ପାଇଁ ଅନେକ ସମୟ ଲାଗିଥାଏ । ଅନେକ ମାମଲା ରୁଜୁ ହୁଏ କିନ୍ତୁ ଦଣ୍ଡବିଧାନ ହାର ସେପରି ଆଖି ଦୃଶିଆ ହୋଇନଥାଏ । ଦୃଷ୍ଟାନ୍ତମୂଳକ ଓ କଠୋରରୁ କଠୋରତମ ଦଣ୍ଡ ସହ ଜୋରିମାନା ବ୍ୟବସ୍ଥା ରହିଲେ ଏହା ବିଶୃଙ୍ଖଳାକାରୀଙ୍କ ପାଇଁ କଠୋର ଚେତାବନୀ ହୁଅନ୍ତା । ସବୁଠାରୁ ବଡ଼ ଦୁଃଖଦ କଥାଟି ହେଉଛି ମିଥ୍ୟା ଅପବାଦ ଦ୍ୱାରା ଜଣେ ଜଣେ ଅକାରଣରେ ଆତ୍ମହତ୍ୟା କରିଦେଉଛନ୍ତି, ସେ ସମୟରେ କେହି ବି ଚିନ୍ତା କରନ୍ତି ନାହିଁ ଗୋଟିଏ ପରିବାରରେ ଏପରି ଜଣେ ମୁଖ୍ୟ ବା ଗୃହକର୍ତ୍ତାଙ୍କର ଅକାରଣରେ ଜୀବନଦୀପ ଲିଭିଗଲେ ସେ ପରିବାରଟି ଉପରେ କେଉଁ ପ୍ରକାର ଦୁଃଖର ଝଡ଼ ଚଡ଼କ ପରି ପଡ଼ିଥାଏ । ସେହିପରି ସାମାଜିକ ଭେଦଭାବ ସୃଷ୍ଟି କରି ବିଶୃଙ୍ଖଳା ତିଆରି କରିବା ପାଇଁ ଅନେକ ଅସାମାଜିକ ବ୍ୟକ୍ତିମାନେ ଫାଇଦା ଉଦ୍ୟମରେ ସର୍ବଦା ରହିଥାନ୍ତି ତେଣୁ ସେମାନଙ୍କ ପ୍ରତି ମଧ୍ୟ ସତର୍କ ରହିବା ଉଚିତ । ଏ ନେଇ ଆମ ସମସ୍ତଙ୍କ ଭିତରେ ଦୃଢ଼ନିଷ୍ଠ ସଚେତନତା ରହିବା ଜରୁରୀ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

# ମନରେ ରହିଛି ମହିଷାସୁର

ଥରେ ଆମ ସାଙ୍ଗମାନେ ଭସାଣି ଉତ୍ସବ ଦେଖିବାକୁ ନଈକୂଳକୁ ଯାଇଥିଲୁ । ବୁଲୁ ବୁଲୁ ଟିକେ ଦହିବରା ଓ ଆଳୁଦମ ଖାଇବାକୁ ଇଚ୍ଛା ହେଲା । ସମସ୍ତେ ସାଙ୍ଗ ହୋଇ ଦହିବରା ଆଳୁଦମ ଖାଉଥିଲୁ । ପାଖରେ ଥିଲା ନଈପଠା, କେତେକ ଗଛ ଓ ଅନ୍ଧାରୁଆ ଜାଗା । ଦୂରରୁ ପାଟି ହୋ ହା ଶବ୍ଦ ଶୁଣାଗଲା । କଅଣ ହେଲା ବୁଝୁବୁଝୁ ଦଳେ ପିଲା ଗୋଟିଏ ଝିଅକୁ ସେଇ ପଠାକୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ । ଝିଅଟିର ଚିତ୍କାର ଶୁଣି ସ୍ୱେଚ୍ଛାସେବୀମାନେ ତାକୁ ଉଦ୍ଧାର କଲେ । ଏକଥା ଶୁଣି ମୋ ମନ ଭାରି ଦୁଃଖ ହେଲା । ତା'ପରଦିନ ଆମେ ସବୁ ସାଙ୍ଗ ହୋଇ ଟିକେ ପାର୍କଆଡ଼େ ବୁଲି ଆସିଲେ ଭଲ ଲାଗିବ ଭାବି ସବୁ ସାଙ୍ଗମାନେ ପାର୍କରେ ବସିଗଲୁ । କିପରି ଆମେ ନଈପଠାରେ ବୁଲି ବୁଲି କୋଳି ଖାଉଥିଲୁ, କିପରି ନାନା ପ୍ରକାର ଖେଳାଖେଳି ସମୟ କାଟୁଥିଲୁ । ସବୁ ଖୁସି ଗପରେ ମାତିଲୁ । କିନ୍ତୁ ମୋ ଚିନ୍ତାପୂର୍ଣ୍ଣ ମୁହଁକୁ ଚାହିଁ ମୋର ଜଣେ ସାଙ୍ଗ ଦେବିଦତ୍ତ ପଚାରିଲା ତୁ ତ ଜଣେ ମାନସିକ ରୋଗ ଚିକିତ୍ସକ, ତୁ ଏ ବିଷୟରେ ଏତେ ଚିନ୍ତା କରୁଛୁ କାହିଁକି ? ମୁଁ କହିଲା ନାହିଁ ଏବେ ଏଇ ଲୋକମାନଙ୍କ ମଧ୍ୟରେ ଯେଉଁ ପାଶବିକ ପ୍ରବୃତ୍ତି ଜାଗ୍ରତ ହେଉଛି, ଯାହା ଫଳରେ କି ମଣିଷ ଦେବତା ହେବା ବଦଳରେ ଆସୁରିକ ପ୍ରବୃତ୍ତି ଯୋଗୁଁ ଅସୁର ପାଲଟିଯାଉଛି ସେଇ କଥା ଭାବୁଥିଲି । ଦେଖନ୍ତୁ... କେବେ ଗୋଟିଏ ଅସୁରର ପ୍ରାଦୁର୍ଭାବକୁ ଦେବତାମାନେ ସହି ନପାରି ମାଆ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କଲେ ଓ ସବୁ ଦେବତାମାନେ ମା'ଦୁର୍ଗାଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ଗୋଟିଏ ମହିଷାସୁରକୁ ବଧ କଲେ । ତା'ଦ୍ୱାରା ଦେବଲୋକ ଓ ମର୍ତ୍ତ୍ୟଲୋକର ସମସ୍ତେ ଆନନ୍ଦରେ ରହିଲେ । ମାତ୍ର ଆଜି ଯେଉଁ ଲକ୍ଷ ଲକ୍ଷ ମହିଷାସୁର ଜନ୍ମ ନେଲେଣି, ଏଇ ମାନବ ସମାଜ କେମିତି ବା ଶାନ୍ତିରେ ରହିବେ ? ଆଜି କାହାର ମାଆ ଉପରେ କିଏ ଅତ୍ୟାଚାର କରୁଛି ତ ଆଉ କାହାର ଝିଅ ଉପରେ ଅତ୍ୟାଚାର ହେଉଛି । ଏହି କଥା ସବୁ ଶୁଣିବା ପରେ ମୋର ଆଉ ଜଣେ ସାଙ୍ଗ ତୁଷାର ମୋ କାନ୍ଧ ଉପରେ ହାତରଖି ପଚାରିଲା ତୁ କହୁନୁ ଏହା କଅଣ ପାଇଁ ହେଉଛି ? ମୁଁ ତ ଦେଖୁଛି ଅନେକ ଭଲ ଭଲ ଘରର ପିଲା ବି ପରିସ୍ଥିତିରେ ପଡ଼ି ଦୋଷୀ ପାଲଟି ଯାଉଛନ୍ତି । ମୁଁ ଗୋଟିଏ ଦୀର୍ଘ ନିଃଶ୍ୱାସ ନେଇ କହିଲି ଏମିତି ଅନେକ ପ୍ରକାର ମାନସିକ ରୋଗ ଅଛି ଯେଉଁଥିରେ କି ମନୁଷ୍ୟ ଅନେକ ପ୍ରକାର ଭୁଲ କରିଥାଏ । ଏଇ ଦେଖନ୍ତୁ ଅନେକ ଲୋକ ଅଛନ୍ତି ଯେଉଁମାନେ କି ନିଶା ଦ୍ରବ୍ୟ ଖାଇ ନିଜ ମନର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି । ସେମାନେ ସାମୟିକ ସୁଖ ପାଇବା ପାଇଁ ନିଶାର ଆଶ୍ରୟ ନେଇଥାନ୍ତି । ମାତ୍ର ସମୟକ୍ରମେ ଏହାର ପରିମାଣ ବଢ଼ିଥାଏ, କାରଣ ପ୍ରଥମେ ଅଳ୍ପ ନିଶାରେ ଯେତିକି ଆନନ୍ଦ ପାଆନ୍ତି ପରେ ତାହାର ପରିମାଣ ନ ବଢ଼ିଲେ ସେ ସେତିକି ଆନନ୍ଦ ପାଆନ୍ତି ନାହିଁ । ତେଣୁ ଦିନକୁ ଦିନ ଲୋକଟି ଅତ୍ୟଧିକ ନିଶାସେବନ କରିଥାଏ । ଏହି ନିଶା ଯୋଗୁଁ ଲୋକଟି ମାନସିକ ଭାରସାମ୍ୟ ହରାଇ ବସେ । କେତେବେଳେ ଅତ୍ୟଧିକ



ଡାକ୍ତର ସମ୍ରାଟ କର

ନିଶା ଯୋଗୁଁ ସମାଜରେ ନାନା ପ୍ରକାର କ୍ଷତି ଘଟାଇଥାଏ । ଯେମିତିକି ବଳାତ୍କାର, ଚୋରି, ମାରପିଟ ଇତ୍ୟାଦି । କ୍ରମଶଃ ତାହାର ଏହି ଦୁର୍ଗୁଣଗୁଡ଼ିକ ମନ ଭିତରେ ବସାବାନ୍ଧି ରହିଯାଏ ଓ ତାହା କୁ-ଅଭ୍ୟାସରେ ପରିଣତ ହୋଇଯାଏ । ଆଉ କେତେକ ମାନସିକ ରୋଗ ଅଛି ଯାହା ସିଜୋଫ୍ରେନିଆ ଭଳି ରୋଗରେ ଲୋକଟି ମଧ୍ୟ ସମାଜରେ ନାନା କ୍ଷତି ଘଟାଇଥାଏ । ଏ ରୋଗରେ ମନୁଷ୍ୟ ମନରେ ନାନା ପ୍ରକାର ସନ୍ଦେହ ଉପୁଜିଥାଏ । ଜଣେ ଅନ୍ୟ ଜଣଙ୍କୁ ସନ୍ଦେହ କରିଥାଏ । ରୋଗୀଟି ଭାବେ ତାକୁ କିଏ ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରୁଛି ବା କେବେ କେବେ ଗୁଣି-ଗାରେଡ଼ି କରି ତାକୁ ମାରିବାକୁ ଚେଷ୍ଟା କରୁଛି । ଅନେକ ସମୟରେ ତାକୁ ଶୂନ୍ୟରୁ କେହି କିଛି ନିର୍ଦ୍ଦେଶ ଦେବାପରି ଜଣାଯାଏ । ସେ ସେହି ନିର୍ଦ୍ଦେଶକୁ ମାନି କାମ କରେ । ଫଳରେ ଅନେକ ଭୁଲ କାମ ତା ମୁଣ୍ଡରେ ପଶିଯାଏ ଓ ସେହି ଭୁଲ ନିର୍ଦ୍ଦେଶକୁ ମାନି କାମ କରିଥାଏ । ଯେପରିକି ନିଜ ସ୍ତ୍ରୀକୁ ସନ୍ଦେହ କରି ଅନେକ ସମୟରେ ନିଜ ସ୍ତ୍ରୀ ଓ ନିଜ ପିଲାଙ୍କୁ ହତ୍ୟା କରିଥାଏ । ଏସବୁ କଥା ଶୁଣି ମୋର ଆଉ ଜଣେ ସାଙ୍ଗ ସୁବାସ ପଚାରିଲା ଆଉ କଅଣ ସବୁ ରୋଗ ଅଛି, ଯାହାଦ୍ୱାରା କି ମନୁଷ୍ୟର ପ୍ରକୃତି ବଦଳିଯାଏ । ମୁଁ କହିଲି କେତେକ ଯୌନ ସମସ୍ୟା ଅଛି, ଯାହାଦ୍ୱାରା କି ମନୁଷ୍ୟ ପଶୁ ପାଲଟିଯାଏ । ଏପରି ରୋଗରେ ଜଣେ ତାର ସହପାଠୀ ବା ଛୋଟ ଛୋଟ ପିଲାଙ୍କ ସହିତ ଯୌନ ସଂପର୍କ ଜୋର ଜବରଦସ୍ତ କରିଥାଏ । ଏସବୁ ଆସୁରିକ ପ୍ରବୃତ୍ତି ନୁହେଁ ତ ଆଉ କଅଣ ? ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ପ୍ରକାଶ ପଚାରିଲା, ଏତିକି ନା ଆଉ କିଛି ବାକି ଅଛି ? ମୁଁ କହିଲି ନାଇଁ ତୁ ଧୈର୍ଯ୍ୟ ଧର, ମୁଁ କହୁଛି । ମୁଁ କହିଲି ଅନେକ ସମୟରେ ଦେଖାଯାଏ କେତେକ ଲୋକ ପରିବେଶ ଓ ପରିସ୍ଥିତିରେ ପଡ଼ି ନିଜର ବ୍ୟକ୍ତିତ୍ୱ ବଦଳାଇଥାଆନ୍ତି । ଘରକୁ ଯିବା ପାଇଁ ଘଣ୍ଟାକୁ ଚାହିଁଲୁ । ଏପରି ଆଲୋଚନା ପରେ ମୋ ମନଟି ଟିକେ ହାଲ୍କା ଲାଗିଲା । ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ହେମନ୍ତ କହିଲା ସବୁ ସମସ୍ୟା ତ କହିଲୁ କିନ୍ତୁ ଏହି ସମସ୍ୟାଗୁଡ଼ିକର କାରଣ ତ କିଛି କହିଲୁ ନାହିଁ ? ମୁଁ କହିଲି ତୁ ତ ସମସ୍ୟାଗୁଡ଼ିକୁ ଶୁଣି ଶୁଣି ବ୍ୟସ୍ତ ହୋଇଯିବୁଣି । ଏହାର କାରଣ ଆଉ ଦିନେ କହିଲେ କେମିତି ହୁଅନ୍ତା ? ସେ କିନ୍ତୁ କହିଲା ନା ନା, କାରଣ ଗୁଡ଼ିକ ନ ଶୁଣିଲେ ମୋତେ ରାତିରେ ନିଦ ହେବନାହିଁ । ମୁଁ କହିଲି ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତାର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ । ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ । ନା ନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନା ନା ପ୍ରକାରର କାରଣରୁ ମାନସିକ ରୋଗ ହୋଇଥାଏ । ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନଥାଏ । ମସ୍ତିଷ୍କରେ କେତେକ ସ୍ନାୟବିକ ରସ କ୍ଷରଣର ବୈଷମ୍ୟ ଯୋଗୁଁ ହୋଇଥାଏ । ମାନସିକ ରୋଗ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ମସ୍ତିଷ୍କ ଉପରେ କିଛି ଜାଣିବା ଦରକାର । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାରଶକ୍ତି ପରିଚାଳିତ କରିଥାଏ । ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ ନିର୍ଗତ ହେବାର କାର୍ଯ୍ୟ କରେ । ଦୁର୍ଗା ନିଜେ ଆସି ଏହିସବୁ ଆସୁରିକ ପ୍ରବୃତ୍ତିର ଲୋକମାନଙ୍କୁ ମାରିପାରିବେନି । ଏଇ ଲୋକମାନଙ୍କ ମନରୁ ଆସୁରିକ ପ୍ରବୃତ୍ତିକୁ ବାହାର କରିବାର କଅଣ କିଛି ଉପାୟ ନାହିଁ ? ମୁଁ କହିଲି ଏହା ସମ୍ଭବ, କିନ୍ତୁ ଲୋକମାନେ ମାନସିକ ରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ । ସମାଜ ଓ ପରିବାର ଦାୟିତ୍ୱବାନ ହୋଇ ରୋଗୀଟିକୁ ସାହାଯ୍ୟ, ସହାନୁଭୂତି ଓ ଉତ୍ସାହ ଦେଲେ ଏହାର ପରିମାଣ କମିଯାଇପାରିବ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଜିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

## ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

୨୭ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ



# ଭଲିବଲ୍‌ରେ ନୂଆ ଗିନିଜ୍ ବିଶ୍ୱ ରେକର୍ଡ କଲା କିସ୍




ଭୁବନେଶ୍ୱର,(ପି.ଏନ): ପୁରୁଣା ଗିନିଜ ବିଶ୍ୱ ରେକର୍ଡକୁ ଭାଙ୍ଗିଛି କିସ୍। ନିକଟରେ ଅନୁଷ୍ଠିତ ହୋଇଯାଇଥିବା କିସ୍ ଭଲିବଲ୍ ମହୋତ୍ସବରେ କିସ୍ ଏହି ରେକର୍ଡ ଭାଙ୍ଗିଛି। ଭଲିବଲ୍ ମହୋତ୍ସବ ଅବସରରେ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ୍‌ରେ ୪୩୦ ଖେଳାଳି ଦୀର୍ଘ ୮ଘଣ୍ଟା ଧରି ଗୋଟିଏ ମ୍ୟାଚ୍ ଖେଳି ମୋଟ ୭୩୬-୭୫୬ ପଏଣ୍ଟ ସ୍କୋର ସହ ଏହି ରେକର୍ଡ କରିଛନ୍ତି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ (ଏଫ୍‌ଆଇଭିବି)ର ମିଳିତ ଉଦ୍ୟମରେ ଏହି ରେକର୍ଡ ସମ୍ଭବ ହୋଇପାରିଛି। ପୂର୍ବରୁ ୨୦୧୧ରେ ଫ୍ରାନ୍‌ସରେ ଏହିପରି ଏକ ପ୍ରୟାସ କରାଯାଇଥିଲା। ଏହି ମ୍ୟାଚ୍‌ରେ ୨୯୪ ଖେଳାଳି ଅଂଶ ଗ୍ରହଣ କରି ସେତେବେଳେ ଏକ ବିଶ୍ୱ ରେକର୍ଡ କରିଥିଲେ। ଏହି ରେକର୍ଡକୁ କିସ୍ ଭାଙ୍ଗିବାରେ ସକ୍ଷମ ହୋଇଛି। ସୂଚନାଯୋଗ୍ୟ, 'କିସ୍ ଭଲିବଲ୍ କ୍ରୀଡ଼ା ମହୋତ୍ସବ'ରେ ସମଗ୍ର ଭାରତରୁ ୫ହଜାର ଛାତ୍ରଛାତ୍ରୀ ଖେଳାଳି ଭାବେ ଅଂଶଗ୍ରହଣ କରିଥିବା ବେଳେ ଗ୍ୟାଲେରୀରେ ୪୦ ହଜାର ଦର୍ଶକ ଏହାର ମଜା ନେଇଥିଲେ। କିସ୍ ଭଲିବଲ୍ କ୍ରୀଡ଼ା ମହୋତ୍ସବରେ ମୋଟ ୬୦ଟି ଆଉଟ୍ ଡୋର କୋର୍ଟ ଓ ବିଭିନ୍ନ ଇନ୍‌ଡୋର ଭେନ୍ୟୁରେ ଖେଳାଳିମାନେ ମ୍ୟାଚ୍ ଖେଳିଥିଲେ। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଏଫ୍‌ଆଇଭିବି ଓ ଏହାର ସଭାପତି ଆରି ଗ୍ରାସାଙ୍କୁ ଧନ୍ୟବାଦ ଦେବା ସହ ଏହି ରେକର୍ଡ ସବୁଦିନ ପାଇଁ କିସ୍ ଓ ଓଡ଼ିଶା ନାଁରେ ରହିଗଲା ବୋଲି କହିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଏହା କିସ୍ ଓ ଓଡ଼ିଶା ପାଇଁ ପ୍ରଥମ ଗିନିଜ୍ ବିଶ୍ୱ ରେକର୍ଡ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।

# ରାଜ୍ୟପାଳଙ୍କ ପୁଅକୁ ଗିରଫ କରିବା ଏବଂ ଓଡ଼ିଶାର ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ଦାବିରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜଭବନ ଘେରାଉ



ଭୁବନେଶ୍ୱର,(ପି.ଏନ): ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ସରକାର ଆଜି ଓଡ଼ିଶାବାସୀଙ୍କ ଭାବାବେଗ ସହ ଖେଳ ଖେଳି ଆସୁଛନ୍ତି। ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ କିଛିଦିନ ତଳେ ରାଜଭବନ ସମ୍ମୁଖରେ ପ୍ରଦେଶ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିବା ଘଟଣା ଅନେକ ଦିନ ବିତିଯାଇଥିଲେ ମଧ୍ୟ ବିଜେପି ସରକାର ଚୁପ୍ ବସିଛନ୍ତି। ଏହାର ପ୍ରତିବାଦରେ ଆଜି ରାଜ୍ୟ ଯୁବ କଂଗ୍ରେସ ନେତା ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ରାଜ୍ୟପାଳଙ୍କ ପୁଅକୁ ତୁରନ୍ତ ଗିରଫ କରିବା ପ୍ରତିବାଦରେ ଶହ ଶହ ସଂଖ୍ୟକ ସମର୍ଥକମାନଙ୍କ ସହ ରାଜଭବନ ଘେରାଉ କରିଥିଲେ। ଶ୍ରୀ ପାତ୍ର ଗଣମାଧ୍ୟମ ମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ଓଡ଼ିଆ ଅସ୍ମିତା କଥା କହି ଲୋକମାନଙ୍କ ଆସ୍ଥା ପ୍ରକଟ କରିଥିଲେ। କିନ୍ତୁ ଆଜି ଏହା ସମ୍ପୂର୍ଣ୍ଣ ମିଥ୍ୟା ପାଲଟିଛି। ଓଡ଼ିଆ ଅଫିସର ଆଜି ସୁରକ୍ଷିତ ନାହାଁନ୍ତି, ଏବେ ମୋହନ ସରକାର ନୁହେଁ, ଓଡ଼ିଶାରେ ରଘୁବର ସରକାର ଚାଲିଛି, ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯଦି ରାଜ୍ୟ ସରକାର ତୁରନ୍ତ ରାଜ୍ୟପାଳଙ୍କ ପୁଅକୁ ଗିରଫ ନକରି ଓଡ଼ିଆ ଅସ୍ମିତାର ପରିଚୟ ନ ଦିଅନ୍ତି, ଏବଂ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରତ୍ୟାହାର ନକରନ୍ତି, ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ଏ ବିଜେପି ସରକାରର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କୁ ରାଜରାସ୍ତାରେ ବିରୋଧ କରିବା ସହ ଓଡ଼ିଆ ଅସ୍ମିତାର ନାରା ଦେଇ ରାଜ୍ୟ ସରକାର ଯେଉଁ ପ୍ରହସନ କରିଛନ୍ତି, ତାହା ବିରୁଦ୍ଧରେ ଜୋରଦାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି। ଆଜିର ଏହି ରାଜଭବନ ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ଶ୍ରୀ ୟାସିର ନୱାଜ, ସୁଦୀପ ସାମଲ, ମନୋଜ ବିଶ୍ୱାଳ, ନିହାର ରଞ୍ଜନ ବେହେରା, ଅଜୟ ସାହୁ, ଉଦିତ ପ୍ରଧାନ, ମହମ୍ମଦ ଗୁଲଫାମ, ସାହରୁଖ ଖାନ, ବଟକୃଷ୍ଣ ରାଉତରାୟ, ଲିପିକା ପାତ୍ର, ଲକ୍ଷ୍ମୀପ୍ରିୟ ନାୟକ, ଭାଗ୍ୟଶ୍ରୀ ମହାନ୍ତି, ମହମ୍ମଦ ପରଭେଜ, ସୁରଜ ରାଉତ, ବଳରାମ ନନ୍ଦ, ସାଗର ପଟ୍ଟନାୟକ, ମିର୍ଜା ଇସଲାମ ବେଗ, ମୋହନ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ସୁନିଲ୍ ସାହୁ, ବିରଞ୍ଚ ବାରିକ, ସୁବ୍ରତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଧାମନଗର ଏନ ଏ ସି ଅଧକ୍ଷାଙ୍କ ତରଫରୁ ଏସ୍‌ପିଙ୍କୁ ଶୁଭେଚ୍ଛା



ଧାମନଗର,(ପି.ଏନ): ଧାମନଗର ଏନ ଏ ସି ଅଞ୍ଚଳ ଅଧକ୍ଷା ନିବେଦିତା ଜେନାଙ୍କ ତରଫରୁ ଭଦ୍ରକ ନୂତନ ଏସ୍‌ପି ମାଡକର ସନ୍ଦୀପ ସମ୍ପତଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ଏନ ଏ ସି ଉପାଧକ୍ଷ ଓସିମ ଏଜଦାନୀ କାଦିରୀ,ବରିଷ୍ଠ ସମାଜସେବୀ ଲମ୍ବୋଦର ଜେନାଙ୍କ ସମେତ କେତେକ କାଉନସିଲର ଉପସ୍ଥିତ ରହି ନୂତନ ଏସପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଧକ୍ଷା ଶ୍ରୀମତୀ ଜେନା ଧାମନଗର ହେଉଛି ଭାଇଚାରା ର ମାଟି ଏଠି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ୧୬୩ ଧାରା ଉଚ୍ଛେଦ ସମ୍ପର୍କରେ ଆଲୋଚନା କରିଥିଲେ।

# ସାଂସଦ ରୁଦ୍ର ପାଣିଙ୍କ ତାଳଚେର ଗସ୍ତ, ଲୋକଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ



ତାଳଚେର,(ପି.ଏନ) : ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସୋମବାର ତାଳଚେର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ତାଳଚେର ଥର୍ମାଲ ଅତିଥି ଭବନ ରେ ପହଂଚିବା ପରେ ଏନଟିପିସି ଟିଟିପିଏସ ଅଧିକାରୀ ସିଜିଏମ ବିଜୟ ଚାନ୍ଦ, ଏଜୀଏମ ରୋହିତ କୁମାର, ଏଚ୍ ଆର ସକିଲ ମହମଦ, ସ୍ଥାନୀୟ ସରପଞ୍ଚ ସହଦେବ ସାହୁ ଙ୍କ ସମେତ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା ପ୍ରମୁଖ ଉପସ୍ଥିତ ରହି ସାଂସଦ ଶ୍ରୀ ପାଣିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ସେଠାରେ ଉପସ୍ଥିତ ଥିବା ଶତାଧିକ ଜନ ସାଧାରଣ ଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ସାଂସଦ ଶୁଣିବା ପରେ ପ୍ରଶାସନ କୁ ଏହାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଳଚେର ଉପ ଜିଲ୍ଲାପାଳ ସମୀର କୁମାର ଜେନା, ତହସିଲଦାର ଏବଂ ଅନ୍ୟାନ୍ୟ ବିଭିନ୍ନ ବିଭାଗ ର ଅଧିକାରୀ ଏନଟିପିସି କର୍ତ୍ତୃପକ୍ଷଙ୍କ ସହ ସାଂସଦ ଶ୍ରୀ ପାଣି ଦୀର୍ଘ ସମୟ ଧରି ଅଂଚଳ ର ସମସ୍ୟା ଉପରେ ଆଲୋଚନା କରିଥିଲେ ।ପରେ ସାଂସଦ ଶ୍ରୀ ପାଣି ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କ କାର୍ଯ୍ୟାଳୟ ରେ ହେଉଥିବା ନବରାତ୍ରୀ ପୂଜା ରେ ଯୋଗ ଦେଇଥିଲେ ।ସେଠାରେ ଉପସ୍ଥିତ ବିଭିଧ କ୍ଷେତ୍ରର କାର୍ଯ୍ୟକର୍ତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଦେଉଳବେଡା ଠାରେ ବରିଷ୍ଠ ସାମ୍ବାଦିକ ବିଜୟ ରାଉତ ଙ୍କ ବାସ ଭବନ କୁ ଯାଇ ସାକ୍ଷାତ ଆଲୋଚନା କରିଥିଲେ। ଦିନ ତମାମ ସାଂସଦ ଶ୍ରୀ ପାଣି ତାଳଚେର ର ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ସାଂସଦ ଙ୍କ ଗସ୍ତ ରେ ବିଜେପି ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଯୁବ ଶିଳ୍ପପତି ତଥା ସମାଜସେବୀ ଆଶିଷ ଶତପଥୀଙ୍କ ସହ କିଛି ବାର୍ତ୍ତାଳାପ

## *ତାଙ୍କୁ ଭେଟିଥିଲେ ଲାୟନ୍ସ ନ୍ୟୁଜ୍ ଟିଭି ଇଣ୍ଡିଆ ଚ୍ୟାନେଲର କର୍ମକର୍ତ୍ତା*



ଭୁବନେଶ୍ୱର, (ପି.ଏନ): ଜଗତସିଂହପୁର ଜିଲ୍ଲାର ମୂଳବାସିନ୍ଦା ଏବଂ ଯୁବ ଶିଳ୍ପପତି ତଥା ସମାଜସେବୀ ଆଶିଷ ଶତପଥୀଙ୍କୁ ଆଜି ଲାୟନ୍ସ ନ୍ୟୁଜ୍ ଟିଭି ଇଣ୍ଡିଆ ଚ୍ୟାନେଲ୍‌ର କର୍ମକର୍ତା ଭେଟିବା ସହ ତାଙ୍କ ସହ ସୁମଧୁର ବାର୍ତ୍ତାଳାପ ପ୍ରଶ୍ନୋତର ମାଧ୍ୟମରେ କରିଥିଲେ । ସେହି ବାର୍ତ୍ତାଳାପର କିଛି ଅଂଶ ଏଠାରେ ଉପସ୍ଥାପନ କରାଗଲା । ପ୍ରଥମେ ଲାୟନ୍ସ ନ୍ୟୁଜ୍ ଟିଭି ଇଣ୍ଡିଆ ଚ୍ୟାନେଲ୍‌ର କର୍ମକର୍ତା ତାଙ୍କୁ ଚ୍ୟାନେଲ୍‌କୁ ସ୍ୱାଗତ କରିବା ସହ ପଚାରିଥିଲେ, ଆପଣ ତ' ଏବେ ସମାଜସେବା କ୍ଷେତ୍ରରେ ପ୍ରବେଶ କଲେଣି ଆଗକୁ କ'ଣ ? ଏହାର ଉତରରେ ସେ କହିଥିଲେ, ସମାଜସେବା ସହ ରାଜନୀତିରେ ଯୋଗ ଦେବି । ସାମ୍ପ୍ରତିକ ସମୟରେ ରାଜନୀତି ବିନା ସମାଜସେବା ସଫଳ ହେବ ନାହିଁ । ଦ୍ୱିତୀୟ ପ୍ରଶ୍ନ ଥିଲା-ଆପଣ କେଉଁ କ୍ଷେତ୍ରରେ ସମାଜସେବା କରିବାକୁ ଚାହୁଁଛନ୍ତି ? ସେ କହିଥିଲେ, ଶିକ୍ଷା ଓ ଆତ୍ମ ନିଯୁକ୍ତି କ୍ଷେତ୍ରରେ ମୁଁ ସମାଜସେବା କରିବାକୁ ଚାହୁଁଛି, କାରଣ ଆଜିର ସମାଜରେ ବେକାରୀ ଓ ବେରୋଜଗାରୀ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ସମସ୍ତେ କିପରି ଉପଯୁକ୍ତ ଶିକ୍ଷା ସହ ବୈଷୟିକ ଶିକ୍ଷା ପାଇ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ସେ ଦିଗରେ ବିଶେଷ ଗୁରୁତ୍ୱ ଦେବି । ତୃତୀୟ ପ୍ରଶ୍ନ ଥିଲା- ଆପଣ ଭବିଷ୍ୟତରେ କେଉଁ ଦଳରୁ ରାଜନୀତି କରିବାକୁ ଚାହୁଁଛନ୍ତି ?ଏହି ପ୍ରଶ୍ନର ଉତର ଦେବାକୁ ଯାଇ ସେ କହିଥିଲେ, ଭବିଷ୍ୟତରେ ମୁଁ ଭାରତୀୟ ଜନତା ଦଳ (ବିଜେପି) ଦଳରୁ ରାଜନୀତି କରିବାକୁ ଚାହୁଁଛି । ଚତୁର୍ଥ ପ୍ରଶ୍ନ ଥିଲା- ଆପଣଙ୍କର ନିର୍ବାଚନ ମଣ୍ଡଳୀ ପାଇଁ ଭବିଷ୍ୟତ ଚିନ୍ତା କ'ଣ ?ସେ କହିଥିଲେ, ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରିବା ମୋର ଲକ୍ଷ୍ୟ । ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଗମନାଗମନ, ବାସଗୃହ ଏବଂ ଖାଦ୍ୟ ଆଦି ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ସର୍ବଦା ତତ୍ପର ରହିବି । ପଂଚମ ପ୍ରଶ୍ନ ଥିଲା- ଆପଣ ୨୦୨୯ମସିହା ସାଧାରଣ ନିର୍ବାଚନ ପାଇଁ ନିଜକୁ କିପରି ପ୍ରସ୍ତୁତ କରିବେ ?ଏହାର ଉତରରେ ସେ କହିଥିଲେ ଯେ, ମୁଁ ଏବେ ଠାରୁ ସମାଜସେବା ମାଧ୍ୟମରେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କର ସୁଖଦୁଃଖର ସାଥି ହୋଇ ସମାଜର ତଥା ଜନସାଧାରଣଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିବି । ଏବଂ ଏହି କଥୋପକଥନର ଶେଷ ପ୍ରଶ୍ନ ଥିଲା- ଆପଣ ଭବିଷ୍ୟତ ଓଡିଶାକୁ କିଭଳି ଭାବେ ଦେଖିବାକୁ ଚାହୁଁଛନ୍ତି ? ତାଙ୍କର ଏହି ଶେଷ ପ୍ରଶ୍ନର ଉତରଏହିପରି ଥିଲା, ମୁଁ ଭବିଷ୍ୟତର ଓଡିଶାକୁ ଏକ ବିକଶିତ ଓ ସୁଖୀରାଜ୍ୟ ରୂପେ ଦେଖିବାକୁ ଇଚ୍ଛା ରଖିଛି ଏବଂ ମୋ ରାଜ୍ୟ ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଗଣିତ ହେବାକୁ ହେଲେ ଯାହା ଯାହା ଜନହିତକର କାର୍ଯ୍ୟର ଆବଶ୍ୟକତା ରହିଛି, ତାହା ମୁଁ କରିବାକୁ ସର୍ବଦା ଚେଷ୍ଟା ଜାରି ରଖିବି ।

# ଆଦର୍ଶ ସ୍କୁଲରେ ନବମ ଶ୍ରେଣୀ ଛାତ୍ରଙ୍କୁ ମାନସିକ ଚାପ : ସାଧାରଣ ଘଟଣାରୁ ଛାତ୍ରକୁ ରେଷ୍ଟିକେଟ ଧମକ

ଫୁଲବାଣୀ: ସରକାର ବିଶେଷ କରି ଉତମ ଇଂରାଜୀ ଶିକ୍ଷା ପାଇବା ପାଇଁ ପିଲାମାନଙ୍କୁ ଆଦର୍ଶ ବିଦ୍ୟାଳୟର ବ୍ୟବସ୍ଥା କରିଛନ୍ତି । ହେଲେ ଏହି ବିଦ୍ୟାଳୟ ଦାଇତ୍ୱରେ ଥିବା ପ୍ରଧାନଶିକ୍ଷକ ଓ ଶ୍ରେଣୀ ଶିକ୍ଷକଙ୍କ ମନମୁଖୀ କାରବାର, ଦୁର୍ନୀତିପୂର୍ଣ୍ଣ ମନୋଭାବ ଯୋଗୁଁ ଛାତ୍ର ମାନଙ୍କ ଉପରେ ମାନସିକ ଚାପ ପକାଉଥିବା ଅଭିଯୋଗ ହୋଇଛି ଚାଇଲ୍ଡ ଲାଇନରେ । ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି ଧୋବାତୋଟା ବେଲପଦର ଆଦର୍ଶ ବିଦ୍ୟାଳୟରେ ଓ ଯାହା ସୂଚନା ରହିଚି ଧୋବା ତୋଟା ବେଲପଦର ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳକ ଛାତ୍ର ଗତ ୨୮/୯/୨୦୨୪ ରେ ବିଦ୍ୟାଳୟ ରେ ଏକ ବଡ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଏକ ସାଧାରଣ ବିଶୃଙ୍ଖଳା ଛାତ୍ର ମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା । ସେହି ନାବାଳକ ଛାତ୍ରଙ୍କ ବାପା ମାଙ୍କୁ ୩୦ ତାରିଖ ଦିନ ଆସିବା ପାଇଁ କୁହାଯାଇଥିଲା । ଯେହେତୁ ଛାତ୍ରଙ୍କ ବାପା ମା ଉଭୟ ଶିକ୍ଷକ ଓ ଅଧାପିକା ଥିବା ହେତୁ କୌଣସି କାରଣ ବଶତଃ ଉପସ୍ଥିତ ହୋଇ ପାରି ନଥିଲେ । ଗତ ୨/୧୦/୨୦୨୪ ସବୁଦିନ ପରି ନବମ ଶ୍ରେଣୀର ଛାତ୍ର ସ୍କୁଲକୁ ଯାଇଥିଲେ । ସେହି ରାଗ ରଖି ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ଶ୍ରେଣୀ ଶିକ୍ଷକ କ୍ଲାସରେ ନ ବସାଇ ଅଲଗା ଗୋଟିଏ ରୁମରେ ରଖିଥିଲେ ଏବଂ ତାକୁ କହିଥିଲେ ତତେ ରେଷ୍ଟିକେଟ କରାଯାଇଛି । ତୁ ଆଉ କ୍ଲାସରେ ବସି ପାରିବୁ ନାହିଁ । ସେହି ସମୟରେ ତାର ଅନ୍ୟ ସହପାଠୀ ମାନେ ତୁ ରେଷ୍ଟିକେଟ ପିଲା ତୁ କୁଆଡେ ଆସିଚୁ କହିବା ସହ ବିଭିନ୍ନ ଥଟ୍ଟା ପରିହାସ କରି କରି ଚିଡାଉ ଥିଲେ । ଫଳରେ ଛାତ୍ର ଜଣକ ବିରକ୍ତ ହୋଇ ବାପା ମାଆଙ୍କୁ ଡାକିବା ପାଇଁ ପ୍ରିନ୍ସିପାଲ ଏବଂ କିଛି ଶିକ୍ଷକଙ୍କୁ ଫୋନ ମାଗିଥିଲେ । କେହି ହେଲେ ନଦେବାରୁ ସେ ନିରାଶ ହୋଇ ଥିଲେ । ପରିଶେଷରେ ସେ ଘରକୁ ପଳାଇ ଆସିଥିଲେ । ୩/୧୦/ ୨୦୨୪ ରେ ଯେତେବେଳ ବାପା ମା ସ୍କୁଲକୁ ଛାଡିବାକୁ ଗଲେ ପ୍ରିନ୍ସିପାଲ ସଙ୍କୀର୍ତ୍ତନ ବେହେରା ପୁଅକୁ ଶ୍ରେଣୀ ରେ ପ୍ରବେଶ ପାଇଁ ମନା କଲେ । ତାକୁ ଟିସି ଅଲରେଡି ଦିଆହୋଇ ସାରିଛି । ପରେ ବାପା ମା ନିରାଶ ହୋଇ ଘରକୁ ଫେରି ଆସି ଚାଇଲ୍ଡ ଲାଇନ ର ଆଶ୍ରୟ ନେଲେ । ହେଲେ ବାପା ମାଆଙ୍କୁ ଅଭିଯୋଗ ଯେ ବାପାମାଆଙ୍କୁ ନୋଟିସ ନକରି କିପରି ସେ ଟି ସି ଦେଇପାରିବେ । ସାଧାରଣ ଘଟଣା କୁ କେନ୍ଦ୍ର କରି ପ୍ରିନ୍ସିପାଲ କିପରି ଟିସି ଦେଇପାରିବେ ବୋଲି ଅଭିଯୋଗ ଆଣିଛନ୍ତି ବାପା ମା । ସରକାର ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ କିପରି ପାଠ ପଢିବେ ସେ ନେଇ ବିଭିନ୍ନ ଯୋଜନା ଲାଗୁ କରିଥିବା ବେଳେ ଏହି ଆଦର୍ଶ ବିଦ୍ୟାଳୟ ରେ କିପରି ପିଲା ମାନଙ୍କୁ ଟିସି ଦିଆ ଯାଉଛି ତାହା ବୁଦ୍ଧିଜିବୀ ମହଲରେ ନିନ୍ଦନୀୟ ହୋଇଛି । ଏଥିପ୍ରତି ଜିଲ୍ଲାପାଳ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ, ଚାଇଲ୍ଡ ଲାଇନ ଅଧିକାରୀ ଦୃଷ୍ଟି ଦେବା ପାଇଁ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡିଛି ।ନହେଲେ ଆଗାମୀ ଦିନରେ ଏପରି କେତେ ଛାତ୍ର ଛାତ୍ରୀ ଯେ ପାଠ ପଢିବା ରୁ ବଞ୍ଚିତ ହୋଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବେ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray